

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୨୨ ଭୁବନେଶ୍ୱର ମଙ୍ଗଳବାର, ଜାନୁୟାରୀ ୧୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.122 Bhubaneswar, Tuesday, January 14, 2025

## ଗିଫ୍ଟ ମିଲ୍କ ଉଦଘାଟିତ



ନୂଆଦିଲ୍ଲୀ, ୧୩/ ୧ : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରୁ ଜାତୀୟ ଦୁଗ୍ଧ ବିକାଶ ବୋର୍ଡର ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମଫେଡ୍) ପାଇଁ ପଦକ୍ଷେପ ସ୍ୱରୂପ ଗୋ-ପ୍ରଜନନ, ଗିଫ୍ଟ ମିଲ୍କ ଏବଂ ବଜାର ସହାୟତାର ଆଭାସୀ ଉଦଘାଟନ/ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଗ୍ରାମୀଣ ଅର୍ଥବ୍ୟବସ୍ଥା ଏବଂ ଗ୍ରାମୀଣ ଘରୋଇ ଆୟରେ ପ୍ରାଣୀସମ୍ପଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭାରତରେ ବିଭିନ୍ନ ପ୍ରକାରର ପ୍ରାଣୀସମ୍ପଦ ପ୍ରଜାତି ରହିଛନ୍ତି । ଏହି ସମସ୍ତ ପ୍ରଜାତି ଦେଶର ସମୃଦ୍ଧ କୃଷି ଐତିହ୍ୟକୁ ଅବଦାନ ଦେଇଛନ୍ତି । ଆମର ପ୍ରାଣୀସମ୍ପଦକୁ ସମର୍ଥନ ଏବଂ ପ୍ରୋତ୍ସାହନ ଦେବା ଲାଗି, ପ୍ରାଣୀମାନଙ୍କର ପ୍ରଜନନ ବିକାଶ ଏବଂ ଆନୁବଂଶିକ ଉନ୍ନତିକରଣ ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ଏବଂ ନୀତିଗତ ପ୍ରୟାସ କରାଯାଇଛି। ରାଷ୍ଟ୍ରପତି କହିଥିଲେ, ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ରରେ ଭାରତର ସଫଳତା ଅସାଧାରଣ। ଗତ ୧୦ ବର୍ଷ ମଧ୍ୟରେ ଆମର ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀମାନଙ୍କର ଉତ୍ପାଦକତା ମଧ୍ୟ ଅସାଧାରଣ ଭାବେ ବୃଦ୍ଧି ପାଇଛି। ଏହି ସମସ୍ତ ସଫଳତା ପ୍ରାଣୀସମ୍ପଦ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ତଥାପି, ପ୍ରାଣୀ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନେକ କିଛି କରାଯାଇପାରିବ। ସେ ଜାତୀୟ ଗୋକୁଳ ମିଶନର ଉଦ୍ଦେଶ୍ୟ ଏବଂ ପ୍ରୟାସକୁ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି କହିଲେ ଯେ ପ୍ରାଣୀମାନଙ୍କ ସଂଖ୍ୟା ଏବଂ ସ୍ୱାସ୍ଥ୍ୟ ଉଭୟ ପ୍ରତି ଧ୍ୟାନ ଦେବା ଦ୍ୱାରା ଦୁଗ୍ଧ ସମେତ ପ୍ରାଣୀମାନଙ୍କଠାରୁ ମିଳୁଥିବା ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉତ୍ପାଦର ଗୁଣବତ୍ତାରେ ଉନ୍ନତି ଆସିବ। ଦେଶର ସମସ୍ତ କ୍ଷେତ୍ରରେ ଏଭଳି ପ୍ରୟାସ ଦ୍ୱାରା ଏକ ସୁସ୍ଥ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଆଯାଇପାରିବ।

## ‘ନାଗ ଏମକେ’ ୨ ମିସାଇଲର ସଫଳ ପରୀକ୍ଷଣ



ପୋଖରଣ ,୧୩/ ୧ : ଭାରତ ଲଗାତର ନିଜ ସୈନ୍ୟ ଶକ୍ତି ବୃଦ୍ଧି କରୁଛି । ଏହା ମଧ୍ୟରେ ଭାରତୀୟ ସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତୃତୀୟ ଜେନେରେସନର ଆଣ୍ଟି ଟ୍ୟାଙ୍କ ଫାୟର-ଏଣ୍ଡ୍-ଫରଗେଟ୍ ଗାଇଡେଡ୍ ମିସାଇଲ(ଏଟିଜିଏମ୍) ନାଗ ଏମକେ ୨ର ସଫଳତାପୂର୍ବକ ପରୀକ୍ଷଣ କରିଛି । ରାଜସ୍ଥାନର ଜୈସଲମୈର ଜିଲାର ପୋଖରଣରେ ଫାୟାରିଂ ରେଞ୍ଜରେ କରାଯାଇଛି । ନାଗ ମିସାଇଲ କ୍ୟାରିୟର ଭର୍ସନ-୨ର ମଧ୍ୟ ଫିଲ୍ଡ ପରୀକ୍ଷଣ କରାଯାଇଛି । ପ୍ରତି ଥର ଏହି ମିସାଇଲରେ କିଛି ନୂଆ ଯୋଡାଯାଏ ଯାହା ପରେ ଏହାର ପରୀକ୍ଷଣ କରାଯାଏ । ପୂର୍ବରୁ ୨୦୧୭, ୨୦୧୮, ୨୦୧୯, ୨୦୨୦ ଓ ୨୦୨୩ ଓ ୨୦୨୪ରେ ଅଲଗା ଅଲଗା ଉପାୟରେ ନାଗ ମିସାଇଲର ପରୀକ୍ଷଣ କରାଯାଇଛି ଏବଂ ସମସ୍ତ ପରୀକ୍ଷଣ ସଫଳ ମଧ୍ୟ ହୋଇଛି ।

# ଓଡିଶାରେ ଲାଗୁହେଲା ଆୟୁଷ୍ମାନ ଭାରତ



ଭୁବନେଶ୍ୱର,୧୩/ ୧: ଓଡିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏଥିପାଇଁ ଆଜି ନୂଆ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ହେଲଥ ଅଥରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ବର୍ତ୍ତମାନ ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଯୋଡିହେଲା । ରାଜ୍ୟର ୧.୦୩ କୋଟି ପରିବାର ଉପକୃତ ହେବେ । ଏହା ଦ୍ୱାରା ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ । ବର୍ତ୍ତମାନ ରାଜ୍ୟରେ ୨୩,୧୨, ୯୭୯ ଜଣ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି ବୋଲି ଜଣାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଓଡିଶାର ଲୋକ, ବିଶେଷ କରି ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଏହି ଯୋଜନା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ସବୁ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁ ହେଲଥ ସବ୍ ସେଣ୍ଟର ଅଛି ତାହା ଠିକଭାବେ କାର୍ଯ୍ୟକାରୀ ହେଉନାହିଁ । ତେଣୁ, ରାଜ୍ୟ ସରକାର ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିରେ ହେଲଥ ୱାର୍କର ଓ ଯୋଗ ଶିକ୍ଷକ ନିୟୋଜିତ ହେବେ । ଏହି ସବୁ କେନ୍ଦ୍ର ଗୁଡିକର ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନା ୨୦୧୮ ମସିହାରୁ ଲାଗୁ ହୋଇଥିଲେ ମଧ୍ୟ ଓଡିଶାର ଲୋକଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା । ବର୍ତ୍ତମାନ ଏହି ଯୋଜନା ଓଡିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଯୋଡିହେବ ଏବଂ ଏହା ଦ୍ୱାରା ଓଡିଶାରେ ୧ କୋଟିରୁ ଅଧିକ ପରିବାର ଦେଶର ୨୯ ହଜାର ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ । ବର୍ତ୍ତମାନ ମାତ୍ର ୯୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବଜେଟ୍ ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଯାହାକି ପୂର୍ବ ବର୍ଷ ଅପେକ୍ଷା ୩୨.୨ ପ୍ରତିଶତ ଅଧିକ ଏବଂ ଏହା ରାଜ୍ୟ ବଜେଟର ୮ ପ୍ରତିଶତ । ଏହି ପରିମାଣ ଜାତୀୟ ସ୍ୱାସ୍ଥ୍ୟନୀତିର ସୁପାରିଶ ଅନୁରୂପ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପୁରୁଷ ମାନେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ । ମହିଳା ହିତାଧିକାରୀ ମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଲ୍, ଆଇ.ଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

# ଜଗନ୍ନାଥ-ଅରୁଣ ବାକ୍ ଯୁଦ୍ଧ



ଭୁବନେଶ୍ୱର,୧୩/ ୧: ବିଜେଡିର କାର୍ଯ୍ୟାଳୟ ଶଙ୍ଖ ଭବନକୁ ନେଇ ରାଜ୍ୟର ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଛି। କାର୍ଯ୍ୟାଳୟକୁ ନେଇ ଶାସକ ବିଜେପି ଓ ବିରୋଧୀ ବିଜେଡ଼ି ମୁହାଁମୁହିଁ ହୋଇଛନ୍ତି । ଉଭୟ ଦଳଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଶଙ୍ଖ ଭବନକୁ ନେଇ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ଶଙ୍ଖ ଭବନ ଏବେ ହୋଟେଲ୍ ?ରେ ପରିଣତ ହୋଇଛି। ବିଜେପି ନେତାଙ୍କ ଏପରି ଅଭିଯୋଗର ଜବାବ୍ ବିଜେଡ଼ି ବିଧାୟକ ଅରୁଣ କୁମାର ସାହୁ ଦେଇଛନ୍ତି। ବିଜେପି ନେତା ଜଗନ୍ନାଥ ସାହୁ କହିଥିଲେ ଯେ, ଭାରତୀୟ ରାଜନୀତି ଇତିହାସରେ ବିରଳ ଘଟଣା ଘଟିବାକୁ ଯାଉଛି। ୨୪ ବର୍ଷ ଶାସନ କଲା ପରେ ୨୦୨୧ ମସିହାରେ ନୂତନ କାର୍ଯ୍ୟାଳୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଠାରୁ ବିଜେଡ଼ି ଅନୁମତି ପାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ସରକାରଙ୍କ ପାଖରୁ ଜାଗା ନେଇ ବିଜେଡ଼ି କର୍ପୋରେଟ ହାଉସ୍‌ଙ୍କଠାରୁ ଚାନ୍ଦା ଆଦାୟ କରି ରାଜ ମହଲ ପରି କାର୍ଯ୍ୟାଳୟଟିଏ ତିଆରି କରିଥିଲା। ଏବେ ଆଉ କର୍ପୋରେଟ ହାଉସ୍‌ଙ୍କ ପାଖରୁ ଟଙ୍କା ଆସୁନାହିଁ। ସେଥିପାଇଁ କାର୍ଯ୍ୟାଳୟ ଚଳାଇବାକୁ ଏହାକୁ ହୋଟେଲ୍‌ରେ ପରିଣତ କରିବାର ଆବଶ୍ୟକତା ଦେଖାଦେଇଛି। ଯଦି ଏବେଠାରୁ ରାଜ୍ୟ ସରକାର ଏହାକୁ ସଜ୍ଞାନକୁ ନନେବେ, ତାହାହେଲେ ଆଗାମୀ ଦିନରେ ବିଜେଡ଼ି କାର୍ଯ୍ୟାଳୟ ଷ୍ଟାର ହୋଟେଲ୍‌ରେ ପରିଣତ ହୋଇପାରେ ବୋଲି ଜଗନ୍ନାଥ ଅଭିଯୋଗ ଆଣିଛନ୍ତି। ଏଭଳି ଘଟଣା ରାଜ୍ୟ ରାଜନୀତିରେ କେବେ ଦେଖିବାକୁ ମିଳି ନଥିଲା। କୌଣସି ସ୍ଥାନରେ କେବେ ରାଜନୈତିକ ଦଳ ନିଜ କାର୍ଯ୍ୟାଳୟକୁ ହୋଟେଲ କରି ନଥିଲେ। ଏହା ସହିତ ସେ ପ୍ରଶ୍ନ କରିଥିଲେ ଯେ, ସତରେ କ’ଣ ବିଜେଡି ଶେଷ ହେବାକୁ ଯାଉଛି କି? ଦଳୀୟ ମହଲକୁ ହୋଟେଲ୍ କରିବ ଅବା କାର୍ଯ୍ୟାଳୟ କରିବ ତାହା ବିଜେଡ଼ି ସ୍ପଷ୍ଟ କରୁ। ଯଦି ହୋଟେଲ୍ କରିବେ, ତାହାହେଲେ କାର୍ଯ୍ୟାଳୟ ପାଇଁ ମିଳିଥିବା ସେ ଜାଗାର ଅନୁମତି ରଦ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ମର୍ମରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ହୋଟେଲ୍ ମନ୍ତବ୍ୟ ଅଭିଯୋଗର ଜବାବ୍ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଦେଇଛନ୍ତି । ସେ କହିଛନ୍ତି, ରେଲୱେର କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ଅବଶ୍ୟ ଖାଇବା ଲୋଭ କାହାର ଅଛି, ତାହା ମିଡିଆରେ ଦେଖାଯାଉଛି। ମୁଁ ବିଜେପି ନେତାଙ୍କୁ ନିମନ୍ତ୍ରଣ କରୁଛି, ତାଙ୍କର ଯେତେବେଳେ ଖାଇବାକୁ ଇଚ୍ଛା ହେଉଛି ସେତେବେଳେ ଶଙ୍ଖ ଭବନ କ୍ୟାଣ୍ଟିନକୁ ଆସି ଶୁଦ୍ଧ ଶାକାହାରୀ ଖାଦ୍ୟ ଖାଆନ୍ତୁ। ବିଜେପିର କିଛି କାମ ନାହିଁ ବୋଧହୁଏ। ଶଙ୍ଖ ଭବନ ଯେଉଁଦିନ ତିଆରି ହୋଇଥିଲା, ସେଦିନ କୁହାଯାଇଥିଲା ଏହା ଲୋକଙ୍କ ଅଫିସ୍। ପ୍ରତିଦିନ ଏଠାରେ ବୈଠକ ବସୁଛି। କର୍ମୀଙ୍କ ସହିତ ନେତା ଓ ସାଧାରଣ ଲୋକ ଆସି ଖାଉଛନ୍ତି। କ୍ୟାଣ୍ଟିନ୍‌ରେ ଖାଇବା କ’ଣ ଖରାପ ବୋଲି ଅରୁଣ ସାହୁ ପାଲଟା ପ୍ରଶ୍ନ କରିଛନ୍ତି।

## ଭୂକମ୍ପ ପରେ ଜାପାନକୁ ସୁନାମୀ ଚେତାବନୀ



ଟୋକିଓ,୧୩/ ୧: ସୋମବାର ଜାପାନର କ୍ୟୁଶୁରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୬.୯ ରହିଥିବା ଜଣାଯାଇଛି । ଦେଶର ପାଣିପାଗ ବିଭାଗ ପକ୍ଷରୁ ଏହି ଭୂମିକମ୍ପକୁ ସ୍ପଷ୍ଟ କରାଯାଇଛି । ଜାପାନୀ କର୍ତ୍ତୃପକ୍ଷ ଅନେକ ଅଞ୍ଚଳପାଇଁ ସୁନାମି ସତର୍କ ସୂଚନା ଜାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଜୀବନହାନୀ କିମ୍ବା କ୍ଷୟକ୍ଷତିର ଖବର ମିଳିନାହିଁ। ତେବେ ଭୂମିକମ୍ପ ପରେ ମିଆଜାକିରେ ୨୦ ସେଣ୍ଟିମିଟର ଉଚ୍ଚ ଲହରି ଦେଖିବାକୁ ମିଳିଥିଲା । ୟୁରୋପୀୟ ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଇଏମ୍ଏସ୍‌ସି) ଅନୁଯାୟୀ ଭୂମିକମ୍ପର ଗଭୀରତା ୩୭ କିଲୋମିଟର ଥିଲା। ଜାପାନର ଭୂମିକମ୍ପ ନିରୀକ୍ଷଣ ଏଜେନ୍ସି ଏନଆରଭି କହିଛି ଯେ ଏହି ଭୂମିକମ୍ପ ହୁଆଙ୍ଗା-ନାଡା ସାଗରରେ ହୋଇଥିଲା। ଜାପାନ ପାଣିପାଗ ବିଜ୍ଞାନ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ସ୍ଥାନୀୟ ସମୟ ରାତି ୯ଟା ୨୯ ମିନିଟରେ ମିଆଜାକି ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ସର୍ବାଧିକ ପ୍ରଭାବିତ ଅଞ୍ଚଳରେ ଏହାର ତୀବ୍ରତା ୦ରୁ ୭ ଜାପାନୀ ସ୍କେଲ ଅନୁଯାୟୀ ୫ରୁ କମ୍ ଥିଲା। ମିଆଜାକି ଏବଂ କୋଚି ପ୍ରଦେଶ ପାଇଁ ସୁନାମି ସତର୍କ ସୂଚନା ଜାରି କରାଯାଇଛି।

# ସ୍ଥାନୀୟ ଶିଳ୍ପକୁ ବକ୍ସାଇଟ୍ ଆବଣ୍ଟନ ଦାବି



ଭୁବନେଶ୍ୱର,୧୩/ ୧: ଓଡ଼ିଶାକୁ ବଡ଼ ବଡ଼ ଶିଳ୍ପକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଓଡ଼ିଶା ବାହାରେ ଥିବା ଶିଳ୍ପ ପାଇଁ କଞ୍ଚାମାଲ ଆବଣ୍ଟନକୁ ନେଇ ବିଭିନ୍ନଆଦିବାସୀ ଓ ଦଳିତ ସଂଗଠନର ହଜାର ହଜାର ଲୋକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ନିରନ୍ତର ଯୋଗଦାନ ଦେଉଥିବା ସ୍ଥାନୀୟ ଶିଳ୍ପ ଶିଳ୍ପ ପ୍ରତି ସମର୍ଥନ ଜଣାଇବା ପାଇଁ କୋଡିଙ୍ଗାମାଳି ବିକାଶ ପରିଷଦ, ଆଦିବାସୀ ମହାସଂଘ (କୋଡିଙ୍ଗାମାଳି), ହରିଜନ ମହାସଂଘ (କୋଡିଙ୍ଗମାଳି), ଆଦିବାସୀ ମହିଳା ସଂଘ (କୋଡିଙ୍ଗମାଳି) ଓ ଡମ୍ବ ସମାଜ (କୋଡିଙ୍ଗମାଳି)ର ସଦସ୍ୟମାନେ ଆଜି କୋରାପୁଟ ଓ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଛନ୍ତି।ସଦସ୍ୟମାନେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଖଣିଜ ଅଧିକାରର ସୁରକ୍ଷା ଏବଂ ଓଡ଼ିଶାର ବକ୍ସାଇଟ୍ ସମ୍ପଦର ଉପଯୁକ୍ତ ଆବଣ୍ଟନ ସୁନିଶ୍ଚିତ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।ସେମାନେ ଏକାଠି ହୋଇ ଓଡ଼ିଶାର ବକ୍ସାଇଟ୍ ସମ୍ପଦକୁ ବାହ୍ୟ ସଂସ୍ଥାକୁ ଆବଣ୍ଟନ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ସ୍ୱଚ୍ଛ ଓ ନିରପେକ୍ଷ ଅଭ୍ୟାସ ପାଇଁ ଅନୁରୋଧ କରିଛନ୍ତି। ପ୍ରଚୁର ଖଣିଜ ସମ୍ପଦରେ ଭରପୂର ରାଜ୍ୟ ଓଡ଼ିଶା ଦୀର୍ଘ ଦିନ ଧରି ଶିଳ୍ପ ଅଭିବୃଦ୍ଧି ଓ ସାମାଜିକ-ଅର୍ଥନୈତିକ ବିକାଶର ସୁଯୋଗର ଭୂମି ଭାବେ ପରିଚିତ ।ତେବେ କୋଡିଙ୍ଗମାଳିରୁ ବକ୍ସାଇଟ୍ ସମ୍ବଳ ଆବଣ୍ଟନ କୁ ନେଇ ନିକଟରେ ଘଟିଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି ।ଗ୍ରାମସଭା ଆଲୋଚନା ସମୟରେ ଓଡ଼ିଶାରେ ପୁଞ୍ଜିନିବେଶ କରୁଥିବା ଶିଳ୍ପ, ବିଶୋଧନାଗାର ଓ ସ୍ମେଲଟର ପ୍ରତିଷ୍ଠା ଏବଂ ସ୍ଥାନୀୟ ସମୁଦାୟଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବକ୍ସାଇଟ୍ ଆବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏକ ବାହ୍ୟ ସଂସ୍ଥାକୁ ଆବଣ୍ଟନ କରାଯାଇଛି, ଯିଏ କି ଓଡ଼ିଶାରେ ପୁଞ୍ଜିନିବେଶ କରିନାହିଁ କିମ୍ବା ଏହାର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେଇନାହିଁ, ଯାହା ପ୍ରତିଶ୍ରୁତିକୁ ଅବମାନନା କରୁଛି ଏବଂ ସ୍ଥାନୀୟ ଜନସାଧାରଣଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରୁଛି ।ନିଜ ଅଞ୍ଚଳର ଉନ୍ନତି ଆଶାରେ ନିଜ ଜମି ତ୍ୟାଗ କରିଥିବା ଆଦିବାସୀ ସଂପ୍ରଦାୟ ଏବେ ଏହି ନିଷ୍ପତ୍ତି ଦ୍ୱାରା ସେମାନଙ୍କ ପ୍ରତି ବିଶ୍ୱାସଘାତକତା ଅନୁଭବ କରୁଛନ୍ତି ବୋଲି କହିଛନ୍ତି।

# ଭଗବାନଙ୍କ ଭରସାରେ ଭୁବନେଶ୍ୱର ଟ୍ରାଫିକ୍



ଭୁବନେଶ୍ୱର, ୧୩/ ୧ : ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଥିଲା ବେଳେ ଭିଡ଼ ନିୟନ୍ତ୍ରଣକୁ ନେଇ କମିସନରେଟ୍ ପୁଲିସ ଉଦାସୀନ ରହିଛି। ୧୦ ମିନିଟ ରାସ୍ତାକୁ ଲାଗୁଛି ଏକ ଘଣ୍ଟା। କେବଳ ସହର ଭିତର ରାସ୍ତା ନୁହେଁ, ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟ ଅଧିକାଂଶ ସମୟ ଜାମ୍। ଫ୍ଲାଏ ଓଭର ମଧ୍ୟ ବାଦ୍ ପଡୁନି। ଟ୍ରାଫିକ ଭିଡ଼ରେ ଲୋକେ ଅଣନିଶ୍ୱାସୀ ହୋଇଗଲେଣି। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସକୁ ମଧ୍ୟ ବାଟ ମିଳୁନାହିଁ। ପରିସ୍ଥିତି ସମ୍ଭାଳିବା ଲାଗି କିଛି ହାତଗଣତି ଟ୍ରାଫିକ ପୁଲିସ କାଁଭା କେଉଁଠି କେଉଁଠି ଉଦ୍ୟମ କରୁଛନ୍ତି। କିନ୍ତୁ ଭିଡ଼ ତୁଳନାରେ ଟ୍ରାଫିକ ପୁଲିସ ସଂଖ୍ୟା କମ୍ ରହୁଥିବାରୁ ଯେଉଁ ବିଭ୍ରାଟକୁ ସେହି ବିଭ୍ରାଟ। କମିସନରେଟ୍ ପୁଲିସରେ ଟ୍ରାଫିକ୍ ଦାୟିତ୍ୱରେ ବଡ଼ ବଡ଼ ଅଧିକାରୀ ଅଛନ୍ତି। ଟ୍ରାଫିକ୍ ବିଭାଗରେ ଡିସିପି, ଏସିପି ଏବଂ ଆଇଆଇସି ଭଳି ପଦ ରହିଛି। ଏହି ପଦରେ ପୁଲିସ ଅଧିକାରୀ ନିଯୁକ୍ତି ମଧ୍ୟ ପାଇଛନ୍ତି। କିନ୍ତୁ ମଇଦାନରେ କେହି ଦେଖିବାକୁ ମିଳୁ ନାହାନ୍ତି। ଏମାନେ ଭିଡ଼ ନିୟନ୍ତ୍ରଣ କରୁଥିବାର କେହି କେବେ ଦେଖି ନାହାନ୍ତି। ସେମାନେ ସହରବାସୀଙ୍କୁ ଭଗବାନଙ୍କ ଭରସାରେ ଛାଡ଼ି ଦେଇଥିବା ଭଳି ମନେହେଉଛି। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଯେଉଁଭଳି ଟ୍ରାଫିକ ଭିଡ଼ ଦେଖାଦେଇଥିଲା, ତାହା ନିକଟ ଅତୀତରେ କେବେ ଦେଖାଯାଇନଥିଲା। ଏଭଳି ଅଭାବନୀୟ ଘଟଣା ପରେ ରବିବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସାମ୍ନାକୁ ଆସିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ସଂପର୍କରେ କିଛି କହିବା ପରିବର୍ତ୍ତେ ପୁରୁଣା କଥା ଦୋହରାଇ ନିଜ କାମ ସାରିଦେଇଛନ୍ତି। ସେ କହିଛନ୍ତି ଯେ ରାଜଧାନୀରେ ଫ୍ଲାଏଓଭର ଓ ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହେବ। ତେବେ ମନ୍ତ୍ରୀ ତାଙ୍କ ବୟାନରେ ପୁଲିସ କିମ୍ବା ଟ୍ରାଫିକ୍ ବିଭାଗ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି। ଅଧିକ ଫ୍ଲାଏଓଭର ଆଉ ରିଙ୍ଗ୍ ରୋଡ୍ ନିର୍ମାଣ ହେଲେ ସବୁକିଛି ଠିକ୍ ହୋଇଯିବ। ଅନ୍ୟପକ୍ଷରେ କେଉଁଠି ଫ୍ଲାଏଓଭର ନିର୍ମାଣ କରାଯିବ, କେବେ ନିର୍ମାଣ କରାଯିବ; ସେ ତାହା ସ୍ପଷ୍ଟ କରି ନାହାନ୍ତି। ମନ୍ତ୍ରୀ କହିଛନ୍ତି ଯେ ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ ହେବ। ଏହାସହିତ ସହରାଞ୍ଚଳରେ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଅଧିକ ନୂଆ ରିଂ ରୋଡ୍ ଏବଂ ଓଭରବ୍ରିଜ୍ ନିର୍ମାଣ ହେବ। ଖୁବ୍ ଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ। ସେହିପରି ଟିପି ସ୍କିମ୍ ପାଇଁ ସ୍ୱତନ୍ତ୍ର ବିଭାଗକୁ ଦାୟିତ୍ୱ ଦିଆଯିବ। ସମୟସୀମା ବି ନିର୍ଦ୍ଧାରିତ ହେବ। ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ବ୍ୟତୀତ କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ୍ କରିବାକୁ ଯାଉଛନ୍ତି ସରକାର। ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭରବ୍ରିଜ୍ କିପରି ଓ କେମିତି ନିର୍ମାଣ କରାଯାଇପାରିବ; ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି। ମନ୍ତ୍ରୀ ଏତେ କଥା କହିଗଲେ, କିନ୍ତୁ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ତୁରନ୍ତ ସମାଧାନ କିପରି ହୋଇପାରିବ, ସେ ସଂପର୍କରେ ପଦଟିଏ ବି କହିଲେ ନାହିଁ।

## ଭିଡ଼ରେ ଅଣନିଃଶ୍ୱାସୀ ହେଲେଣି ରାଜଧାନୀବାସୀ

# ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶ ପରୀକ୍ଷା ଦେଲେ ୨୭୩ ବିଦ୍ୟାର୍ଥୀ




କଲ୍ୟାଣସିଂହପୁର,୧୩/୧(ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦରରେ ଥିବା ଓଡିଶା ଆର୍ଦଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି । ଏଥିପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ଦୁଇଟି କେନ୍ଦ୍ରରେ ପ୍ରବେଶ ପରୀକ୍ଷା କରାଯାଇଛି । ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୧୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିଲେ ହେଲେ ସେଥିମଧ୍ୟରୁ ୧୪୪ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ । ବଳକା ୬ ଅନୁପସ୍ଥିତ ରହିଥିଲେ। ବିଦ୍ୟାଳୟର ଅଧକ୍ଷ ସୁପରିଟେଣ୍ଡ୍ ସଙ୍ଗୀତ ପଲକା, ଡେପୁଟି ସୁପରିଟେଣ୍ଡ୍ ଆଲୋକ କୁମାର ପଟ୍ଟନାୟକ ଏବଂ ପରୀକ୍ଷା ନୀରିକ୍ଷକ ଭାବେ ସିକରପାଇ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜିତ୍ କୁମାର ଗିରୀ ରହିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀରେ ୧୦୫ ବିଦ୍ୟାର୍ଥୀ ପରୀକ୍ଷା ପାଇଁ ଆବେଦନ କରିଥିଲେ ।ସେଥିରୁ ୧୦୦ଜଣ ପରୀକ୍ଷା ଦେଇଥିବା ବେଳେ ୫ଜଣ ଅନୁପସ୍ଥିତ ରହିଥିଲେ । ସପ୍ତମ ଶ୍ରେଣୀ ରେ ୩୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିଲେ । ସେଥିରୁ ୨୮ଜଣ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ । ନବମ ଶ୍ରେଣୀ ରେ ଜଣ ହିଁ ପରୀକ୍ଷା ଦେଇଥିଲେ । ବ୍ଲକରେ ଷଷ୍ଠ ଶ୍ରେଣୀରେ ୮୦ଟି ସିଟ ଥିବା ବେଳେ ସମୁଦାୟ ୨୫୫ ପରୀକ୍ଷା ପାଇଁ ଆବେଦନ କରି ୨୪୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ସପ୍ତମ ରେ ୫ଟି ସିଟ କୁ ୨୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ନବମ ଶ୍ରେଣୀରେ ଦୁଇଟି ସିଟ ଥିବା ବେଳେ ଜଣେ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଓଡ଼ିଶା ଆର୍ଦଶ ବିଦ୍ୟାଳୟ ର ଅଧାପକ ଅଧାପିକା ବିଦ୍ୟାଳୟର ୩ ଜଣ ପିଅନ୍ ସହଯୋଗ କରିଥିଲେ ।

# ମାଳିଯୁବାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ



ଲାଞ୍ଜିଗଡ,୧୩/୧(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ମାଳିଯୁବଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡା ଉତ୍ସବ ବଙ୍କାକୁଣ୍ଡରୁ ଖେଳ ପଡିଆ ଠାରେ ଉଦଘାଟିତ ହୋଇଯାଇଛି । କ୍ରୀଡା ମନୁଷ୍ୟର ମାନସିକ ବୈଦ୍ଧିକ ଓ ଶାରୀରିକ ଅବିବୃଦ୍ଧିରେ ମାନବ ଶରୀର ପାଇଁ ବରଦାନ ସଦୃଶ୍ୟ । ତେବେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ପାଠପଢା ବ୍ୟତୀତ ଖେଳକୁଦ ପ୍ରତି ମଧ ଧାନଦେବା ଜରୁରୀ ବୋଲି ମାଳିଯୁବାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବରେ ମତ ପ୍ରକାଶ ପାଇଛି । ପ୍ରଥମେ ମାଳିଯୁବାଙ୍ଗ ଶିବ ମନ୍ଦିରରେ ପରମ୍ପରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ବିଶାଳ ମଶାଲ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ ଛାତ୍ର ଛାତ୍ରୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ । ଏହା ପରେ ସ୍କୁଲ ପରିସରକୁ ପହଞ୍ଚି ସେଠାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଣେଶ୍ୱର ନାଏକଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମାଳିଯୁବାଙ୍ଗ କ୍ଲଷ୍ଟର ସିଆରସିସି ଘାଷି ମାଝୀ ଯୋଗ ଦେଇଥିବା ବେଳେ ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବକୁ ସ୍କୁଲର ଶିକ୍ଷକ ନକୁଳ ନାଗ, ଟୁଲୁଗୁ ଚନ୍ଦ୍ର ମାଉଳି, ସରୋଜ କୁମାର ବାରେଟ,କାଦମ ଘିଭେଲା, ହରିହର ବାଣୁଆ ସମେତ ଶିକ୍ଷୟତ୍ରୀ ସୀମା ସୂରିନ ସାହାଯ୍ୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧାରୀ ହେବାକୁ ଥିବା ବେଳେ ୧୦୦ ରୁ୨୦୦ ମିଟର ଦୌଡ଼, ଡିଆଁ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ସଟପୁଟ, ଡ଼ିସ୍କସ,ଖୋଖୋ ଆଦି ପ୍ରତିଯୋଗିତାରେ ୨୦୦ ଶହ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଖେଳ ଶିକ୍ଷକ ନିରଞ୍ଜନ ମହାନ୍ତ ଖେଳ ପରିଚାଳନା କରି ଥିଲେ । ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀ ମାନଙ୍କୁ ଉଦଯାପନୀ ଉତ୍ସାବରେ ମାନପତ୍ର ଦେଇ ସମ୍ମାନିତ କରାଯିବା ସୂଚନା ରହିଛି ।

# ଅଭିଶପ୍ତ ସହର ଆମ ଜି.ଉଦୟଗିରି ସବୁ ଅଛି କିନ୍ତୁ କିଛି ନାହିଁ

ଜି.ଉଦୟଗିରି,୧୩/୧(ନି.ପ୍ର): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନଏସି ଓ ବ୍ଲକ ରାଜ୍ୟର ଏମିତି ଏକ ଅଞ୍ଚଳ ଯେଉଁଠି ଦେଶ ସ୍ୱାଧୀନତା ପାଇବାର ୭୮ ବର୍ଷ ବିତିଗଲାଣି କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜି ବି ଆମ ଜି.ଉଦୟଗିରି ଅଞ୍ଚଳ ବିକାଶ ଠାରୁ ବହୁ ଦୁରରେ। ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ଆମ ଅଞ୍ଚଳ ସବୁ କ୍ଷେତ୍ରରେ ତଥା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ ଏପରି ଜନସାଧାରଣଙ୍କ ବିଭିନ୍ନ ଆବଶ୍ୟକତା ପୂରଣ କରିବାରେ ରାଜ୍ୟର ସମସ୍ତ ବ୍ଲକ ଓ ଏନଏସି ଠାରୁ ବହୁ ପଛରେ ଥିବା ନେଇ ସହରର ଚା ଖଟି ମାନଙ୍କରେ ଚର୍ଚ୍ଚା ହେଉଛି। ୪୦ ହଜାରରୁ ଉର୍ଦ୍ଧ ଜନସଂଖ୍ୟା ବସବାସ କରୁଥିବା ଏହି ଅଞ୍ଚଳର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନାହାଁନ୍ତି, ୨ ହଜାରରୁ ଉର୍ଦ୍ଧ ଛାତ୍ରୀ ଛାତ୍ର ପଢୁଥିବା କଲେଜ ରେ ପ୍ରିନ୍ସିପାଲ ନାହାଁନ୍ତି,ବହୁ ପୁରାତନ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାହାଁନ୍ତି, ଅତିରିକ୍ତ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଜଣେ ମଧ କେହି କର୍ମଚାରୀ ନାହାଁନ୍ତି,ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମାଞ୍ଚଳର ସଡ଼କ ଅବସ୍ଥା ଶୋଚନୀୟ, ଆଜିବି ଏମିତି ଗାଁ ଅଛି ଯେଉଁଠିକି ପକ୍କା ସଡ଼କ ନାହିଁ, ୪୫ ବର୍ଷର ଏନଏସି ଅନ୍ତର୍ଗତ ମୁଖ୍ୟ ସଡ଼କ କଥା ନ କହିବା ଭଲ,ସହର ପାଇଁ ଅତି ଆବଶ୍ୟକ ବାଇପାସ୍ ସଡ଼କ ହୋଇପାରୁନି,ପାନୀୟଜଳ ସମସ୍ୟା ଲାଗିରହିଛି, ଡ୍ରେନ୍ ମରାମତି ହୋଇପାରୁନାହିଁ । ଯାହାଫଳରେ ବିଭିନ୍ନ ସମୟରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପଶିବା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ,ସହରରେ ଥିବା ସାଲୁଙ୍କି ନାଳ ଓ ପୋଖରୀ ପାଣି ବ୍ୟବହାର ଯୋଗ୍ୟ ନାହିଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଭିତ୍ତିଭୂମି ଠିକ୍ ନାହିଁ ଏପରି ଅନେକ ସମସ୍ୟା ରହିଛି ଯାହାର ସମାଧାନ ହୋଇପାରୁନାହିଁ ।ସରକାରୀ ସ୍ତରରେ ଯାହା ବିକାଶ ହେଉଛି ତାହା କେବଳ କାଗଜ କଲମରେ ବାସ୍ତବରେ ବିକାଶ କିଛି ହୋଇ ନ ଥିବା ଅଭିଯୋଗ ହୋଇଛି। ନିରୀହ ଜନସାଧାରଣଙ୍କ ନିଷ୍ପତ୍ତିରେ କେତେ ଯେ ଜନପ୍ରତିନିଧି ନିର୍ବାଚିତ ହୋଇ ନିଜ କାର୍ଯ୍ୟକାଳ ସାରିଲେଣି କିନ୍ତୁ ବିକାଶ ର ଫଳାଫଳ ଶୂନ ବୋଲି ଆଲୋଚନା ହୋଇ ଅଭିଯୋଗ ହେଉଛି ହେଲେ କିଛି ଲାଭ ମିଳି ପାରିନାହିଁ। ଲାଗୁଛି ଯେମିତି କାହା ଅଭିଶାପ ରେ ଅଭିଶପ୍ତ କି ଆମ ଅଞ୍ଚଳ ନା ଭୁଲ ରହୁଛି ଆମ ଜନସାଧାରଣଙ୍କ ନିଷ୍ପତ୍ତି । ଦୀର୍ଘ ବର୍ଷ ମଧ୍ୟରେ କେତେ ଯେ ସରକାରୀ ଅଧିକାରୀ, କର୍ମଚାରୀ ତଥା ସମସ୍ତଙ୍କ ଠାରୁ ମୁଖ୍ୟ ଏନଏସି , ବ୍ଲକ, ବିଧାନସଭା, ସଂସଦୀୟ କ୍ଷେତ୍ର ଜନପ୍ରତିନିଧି ମାନେ ଜନତାଙ୍କୁ ଅଞ୍ଚଳ ପାଇଁ ବିକାଶର ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇ ଆସିଲେଣି କିନ୍ତୁ ଅଞ୍ଚଳର ଆବଶ୍ୟକ ଅନୁଯାୟୀ ବିକାଶ ହୋଇପାରିନାହିଁ, ପ୍ରତିଶୃତି କେବଳ ପ୍ରତିଶ୍ରୁତିରେ ରହି ଯାଇଛି କିନ୍ତୁ ସେମାନଙ୍କର ବ୍ୟକ୍ତିଗତ ଭାବେ ଯଥେଷ୍ଟ ଉନ୍ନତି ହୋଇଥିବା ନେଇ ଆଲୋଚନା ହେଉଛି ହେଲେ, ଏଥିପାଇଁ ଦାୟୀ କିଏ ? ଆମେ ସାଧାରଣ ଜନତା ନା ସରକାରୀ ଅଧିକାରୀ ନା ଗଣତନ୍ତ୍ର ରାଷ୍ଟ୍ରରେ ସବୁଠାରୁ ମୁଖ୍ୟ କୁହାଯାଉଥିବା ନିର୍ବାଚିତ ଜନ ପ୍ରତିନିଧି ।

# ଆତ୍ମରକ୍ଷା କୌଶଳ ଉଦଘାଟନ ଉତ୍ସବ




ବେଗୁନିଆପଡ଼ା,୧୩/୧(ନି.ପ୍ର): ବେଗୁନିଆପଡ଼ା ସ୍ଥିତ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଲେଜ ପରିସରରେ ଆତ୍ମରକ୍ଷା କୌଶଳ ଉଦଘାଟନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ଅଭିମନ୍ୟୁ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ରାଜନୀତି ବିଜ୍ଞାନ ଅଧାପକ ଶ୍ରୀ ସୂର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବେଗୁନିଆପଡ଼ା ଥାନା ଏଏସଆଇ ଜଗଦୀଶ ପଣ୍ଡା ଯୋଗଦେଇ ନାରୀ ସୁରକ୍ଷା ନିମିତ୍ତ ଆତ୍ମରକ୍ଷା କୌଶଳ କିପରି ସହାୟକ ହୁଏ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ । ସଂଯୋଜିକା ଶ୍ରୀମତୀ ମମତା କୁମାରୀ ପାଢ଼ୀ ଆତ୍ମରକ୍ଷା କୌଶଳ କିପରି ସମସ୍ତଙ୍କୁ ସାମାଜିକ ଜୀବନରେ ଆବଶ୍ୟକ ହୁଏ ସେ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିବ୍ୟାନି ସାହୁ ଏବଂ ପୁଜାରାଣୀ ପ୍ରଧାନ ପ୍ରଶିକ୍ଷିକା ଯୋଗ ଦେଇଥିଲେ । ଓଡ଼ିଆ ଅଧାପକ ପ୍ରବୀଣ କୁମାର ଖାଡଙ୍ଗା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ୭/୧/୨୫ ଠାରୁ ୧୫/୦୧/୨୫ ପର୍ଯ୍ୟନ୍ତ ଚାଲିବ । ଉକ୍ତ ସଭାରେ କଲେଜର ଅଧାପକ ଅରୁଣ ମଣ୍ଡଳ,ରାଜେଶ ଗୌଡ଼, କ୍ରୀଡା ଶିକ୍ଷକ ରଷୀନାଥ ଚର୍ଚ୍ଚି, ପି.ରାଜେଶ ପାତ୍ର, ରମେଶ ଚନ୍ଦ୍ର ନାୟକ, ମହେଶ୍ୱର ମହାନ୍ତି, ଅଚ୍ୟୁତାନନ୍ଦ ଡାକୁଆ, ରମେଶ ଚନ୍ଦ୍ର ଗୌଡ଼, ଶିବାନୀ କୁମାରୀ ଚର୍ଚ୍ଚି ପ୍ରମୁଖ ଯୋଗ ଦେଇ ଦେଇଥିଲେ । ପରିଶେଷରେ ଓଡ଼ିଆ ଅଧାପକ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଦିନିଆ ବର୍ଷାହେଲା କାଳ: ଗାଈଗୋରୁଙ୍କୁ ମିଳିବନି ପାଳ , ଚିନ୍ତାରେ ଗୋପାଳକ



ପାତ୍ରପୁର, ୧୩/୧(ନି.ପ୍ର): ଅଦିନିଆ ଲଗାଣ ବର୍ଷା ଦ୍ୱାରା କେବଳ ଯେ ମାନବ ସମାଜ କ୍ଷତି ସହିଛି, କୃଷକର ମେରୁଦଣ୍ଡ ଭାଙ୍ଗିଯାଇଛି ତାହା ନୁହଁ ତା ସଙ୍ଗେ ସଙ୍ଗେ ବିଚରା ଗାଈଗୋରୁ ଭଳି ଅନେକ ଜୀବ ଜନ୍ତୁ ନିଜ ଆହାର ହରେଇଛନ୍ତି। ବର୍ଷା ପୂର୍ବରୁ ଯେଉଁ କୃଷକ ଧାନ କାଟି ଗଦା କରିଦେଇଥିଲା ବର୍ଷାରେ ସମ୍ପୂର୍ଣ ଗଦା ଭିଜି ଥିବା ଧାନ ସହ ନଡା ଗୁଡିକ ବି ଖତରେ ପରିଣତ ହୋଇଯାଇଥିବା ବେଳେ ବର୍ତମାନ ସୁଦ୍ଧା ବିଲରେ ପାଣି ଶୁଖି ନଥିବା ଯୋଗୁଁ କୃଷକ ଯନ୍ତ୍ର ମାଧମରେ ଧାନ କାଟିବାକୁ ବାଧ ହେଉଛି, ଯା ଦ୍ୱାରା ଥିବା ଧାନର ନଡା ଗୁଡିକ ଗୁଣ୍ଡ ଗୁଣ୍ଡ ହୋଇ ସେହି ଖେତରେ ହିଁ ପଡିଯାଉଛି। ତେବେ ଯେଉଁ ନଡା ବା ପାଳ ଭକ୍ଷଣ କରି ବିଚରା ଗାଈ ଗୋରୁ ବର୍ଷ ସାରା ଜୀବନ ଯାପନ କରିଆସୁଥିଲେ ସେମାନେ ଖାଇବେ କଣ, ପୁଣି ଚିନ୍ତାରେ ଚାଷୀଭାଇ ଥିବାବେଳେ,ଅନାହାର ଗୋମୃତ୍ୟୁ ଅବସମ୍ଭାବି ମନେହେଉଛି ।ଯେହେତୁ ମନୁଷ୍ୟ ସମାଜ ସବୁ ବୁଝି ପାରୁଛି, କହି ପାରୁଛି ନିଜ ଦୁଃଖ ବଖାଣି ପାରୁଛି, ତେଣୁ ସରକାରଙ୍କ ସମ୍ମୁଖରେ ନିଜର ଆହାର ନିମନ୍ତେ ଦୁଃଖ ଉପସ୍ଥାପନା କରିପାରିଥିବା ଯୋଗୁଁ ସରକାର ଗୁରୁତ୍ୱ ର ସହ ଏହାକୁ ଗ୍ରହଣ କରି ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି କ୍ଷତି ଅନୁଦାନ ନିମନ୍ତେ ତତକ୍ଷଣାତ ପଦକ୍ଷେପ ଗ୍ରହଣ କଲେ ସତ, କିନ୍ତୁ ବିଚରା ଗାଈଗୋରୁଙ୍କ ଦୁଃଖ ବୁଝିବ କିଏ? ଏଣୁ ସରକାର ଙ୍କୁ ଅନୁରୋଧ କରାଯାଉଛି ଏହିକିଯେ ଗାଈଗୋରୁଙ୍କ ଖାଦ୍ୟ ନିମନ୍ତେ ବି ଉଚିତ ପଦକ୍ଷେପ ନିଆଯିବା ଅତି ଜରୁରୀ ଅଟେ ଯାଦ୍ୱାରା ସମ୍ପୂର୍ଣ ଗୋମାତା ଜୀବନ ଯାପନ କରିପାରିବେ।

# ଭାଲୁ କାମୁଡାରେ ଯୁବକ ଆହତ

ମାଲକାନଗିରି,୧୩/୧(ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥ ପୁର ଗ୍ରାମ ପଞ୍ଚାୟତ ରଙ୍ଗାମ ଗୁଡା ଗ୍ରାମର ଗୁରୁ ଆଲାଙ୍ଗ କୁ ଆଜି ସକଳ ସମୟରେ ଏକ ଭାଲୁ କାମୁଡିବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସା ହୋଇଛନ୍ତି । ପରିବାର ଲୋକଙ୍କ କହିବା ଅନୁଯାଇ ଆଜି ଭୋର ସମୟରେ ଗୁରୁ କୌଣସି କାର୍ଯ୍ୟରେ ନିଜ ଗ୍ରାମ ପାଖରେ ଥିବା ଜଙ୍ଗଲ ନିକଟକୁ ଯାଇଥିଲେ । ସେହିସମୟରେ ନିକଟ ବୁଦା ମୂଳରୁ ଭାଲୁ ବାହାରି ଗୁରୁଙ୍କୁ ଆକ୍ରମଣ କରିବା ଫଳରେ ଚିତ୍କାର କରିଥିଲେ । ଗୁରୁଙ୍କ ଚିତ୍କାର ସୂନୀ ନିକଟରେ ଥିବା ଗ୍ରାମ ବାସୀ ଘଟନା ସ୍ଥଳକୁ ଯାଇ ଗୁରୁତର ଆହତ ହୋଇଥିବା ଗୁରୁଙ୍କୁ ଭାଲୁ କବଳରୁ ଉଧାର କରି ତୁରନ୍ତ କୁଡୁମୂଲୁ ଗୁମା ସ୍ୟାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ଅଧିକ ଚିକିତ୍ସା ନିମନ୍ତେ ପଠାଇ ଥିବା ପରିବାର କହିଛନ୍ତି ।

# ଘଣ୍ଟପଡା ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦଘାଟିତ



ତାଳଚେର, ୧୩/୧(ନି.ପ୍ର): ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ତ୍ରିନାଥ ମନ୍ଦିର ନିକଟସ୍ଥ ପଡିଆ ଠାରେ ଟାଇଗର ବଏଜ୍ ପକ୍ଷରୁ ପ୍ରଥମ ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ କ୍ଷିରୋଦ ସାହୁ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋଜ କୁମାର ବେହେରା, ରଞ୍ଜନ ବେହେରା, ସୁବାଷ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍ଘାଟନ କରିବା ସହିତ ଖେଳାଳୀ ମାନଙ୍କ ସହିତ କର ମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ଉଦ୍ଘାଟନ ମ୍ୟାଚ୍ ରେ କୁକୁଡାଙ୍ଗ ସହିତ ହେଁସମୂଳ କ୍ରିକେଟ୍ ଟିମ୍ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା । ପ୍ରଥମ ମ୍ୟାଚରେ କୁକୁଡାଙ୍ଗ ଦଳ ୧୦ ଓଭରରେ ୧୪୩ ରନ୍ କରିଥିବାବେଳେ ହେଁସମୂଳ ଦଳ ୮୦ ରନ୍ କରି ପରାସ୍ତ ହୋଇଥିଲେ । ଏହି ଖେଳରେ ଓମ୍ପାୟାର ଭାବେ ସିଙ୍ଗଲ ଦାସ ଓ ଚିନୁ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଗୌତମ ପ୍ରଧାନ, ବାଦଲ ସାହୁ, ଜିତୁ ସାହୁ ଏବଂ ଭାଷ୍ୟକାର ଭାବେ ଟିକନ ସାର କାର୍ଯ୍ୟ ତୁଲାଇଥିଲେ । ଏଥିରେ ଟାଇଗର ବଏଜ୍ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଖେଳ ୧୦ ଦିନ ଧରି ଚାଲିବ ଏବଂ ଆସନ୍ତା ୧୫ ତାରିଖରେ ଗ୍ରାଣ୍ଡ ଫାଇନାଲ୍ ଖେଳ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

# ଅଧାପନ୍ତରିଆ ରାସ୍ତା କାମ ଯୋଗୁଁ ଜଳ ଯୋଗାଣ ଠପ୍

ଫିରିଙ୍ଗିଆ,୧୩/୧(ନି.ପ୍ର): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫିରିଙ୍ଗିଆ ବ୍ଲକର ଗୋଛାପଡା ରାସ୍ତା କାମ ଯୋଗୁଁ ଜଳ ଯୋଗାଣରେ ବାଧାପ୍ରାପ୍ତ ହେଉଥିବାରୁ ଆଜକୁ ଏକ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏବଂ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ଠାରୁ କଣ୍ଟାମାଳ ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଛି ।ରୀନିପ୍ରଜ୍ଞା ନାମକ କମ୍ପାନୀ ଏହି କାମ ହାତକୁ ନେଇଛି। ଗୋଛାପଡା ବଜାର ଛକରେ କାମ କଲାବେଳେ ପାଣି ପାଇପ୍ ଗୁଡ଼ିକ ଉପୁଡ଼ି ପଡ଼ିଥିବାରୁ ଆଜକୁ ମାସେ ହେବ ଜଳ ଯୋଗାଣ ବନ୍ଦ ଅଛି। ଅପରପକ୍ଷରେ ରାସ୍ତା କାମ ଅଧାପନ୍ତରିଆ ଥିବାରୁ ପାଣି ପାଇପ୍ ସଂଯୋଗ କରାଯାଇପାରୁନାହି। ଫଳରେ ଗୋଛାପଡା ବଜାର ଛକ,ଡେରାକୁମ୍ପା,ଓ ମୁଣ୍ଡା ପଦର ସାହିକୁ ଜଳ ଯୋଗାଣ ବନ୍ଦ ହୋଇ ଥିବାରୁ ପ୍ରାୟ ପାଞ୍ଚ ଶହ ପରିବାର ପ୍ରଭାବିତ ହେଉଛନ୍ତି। ଏଣୁ ଅତି ଶିଘ୍ର ରାସ୍ତା କାମ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମାଁ ଶୀତଳା ଜିଲ୍ଲା ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ



ସୋରଡ଼ା,୧୩/୧(ନି.ପ୍ର): ସୋରଡା ବ୍ଲକ୍ ଅନ୍ତର୍ଗତ ବଡ଼ଗଡ଼ ଖେଳ ପଡିଆ ଠାରେ ମାଁ ଶୀତଳା ଜିଲ୍ଲା ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍ ରବିବାର ଉଦ୍ ଘାଟିତ ହୋଇଛି। ଏହି ଉଦ୍ଘାଟନ ଉତ୍ସବରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୁଭ ଉଦ୍ ?ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଭଗବାନ ପାତ୍ର, ମଣ୍ଡଳ ସଭାପତି ରାଧାମୋହନ ସ୍ୱାଇଁ, ସୋରଡ଼ା ନଗର ସଭାପତି ଭି. ଜଗଦୀଶ ରାଜୁ, ଯୁବ ସଭାପତି ଶ୍ୟାମ ପ୍ରଧାନ,ରବୀନ୍ଦ୍ର ସାହୁ, ଗଣେଶ ଆଚାର୍ଯ୍ୟ, ସୁଶାନ୍ତ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଧାୟକ ଖେଳ ପଡିଆର ଉନ୍ନତି କରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିବୃତି ଦେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଅଞ୍ଚଳରୁ ବଛାବଛା ୮ଟି ଦଳ ଭାଗ ନେବାକୁ ସ୍ୱିକୃତି ପ୍ରଦାନ କରିଥିବା ବେଳେ ଦୀର୍ଘ ୯ ଦିନ ବ୍ୟାପି ଚଳିତ ଟୁର୍ଣ୍ଣାମେଣ୍ଟ୍ ଚାଲିବ ବୋଲି ସୂଚନା ମିଳିଛି । ଉଦ୍ ?ଘାଟନୀ ମ୍ୟାଚଟି ସୋରଡା ଓ ବୋରି ପଦର ମଧ୍ୟରେ ହୋଇଥିବା ବେଳେ ବୋରିପଦର ବିଜୟୀ ହୋଇଛି ।

# ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା

ନୁଆଁପଡା, ୧୩/୧(ନି.ପ୍ର):ନୂଆପଡା ଜିଲ୍ଲାରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ସ୍ଥାନୀୟ ପୋଲିସ ପଡିଆ ଠାରେ ଶୁଭାରମ୍ଭ ହୋଇଯାଇଅଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାସ ଯୋଗଦେଇ ଚାଷୀ ମାନଙ୍କୁ ସମନ୍ୱିତ କୃଷି, ଫସଲ ବିବିଧିକରଣ ଉପରେ ଉଦବୋଧନ ଦେଇ କହିଥିଲେ 'ଚାଷୀ ହସିଲେ, ଦେଶ ହସିବ' ଜିଲ୍ଲା ପ୍ରଶାସନ ଏବେ ଖାଲି ଗାଁ କୁ ଯାଉନାହିଁ ବରଂ ଚାଷୀ ଙ୍କ ଘରେ ଯାଇକି ପହଞ୍ଚୁଛି କହି ପ୍ରବାସୀ ଶ୍ରମିକ ପ୍ରଥା ବନ୍ଦ କରିବା ପାଇଁ ଚାଷୀ କୁଳଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ, ଖରିଆର ମହମ୍ମଦ ଅଜିଜ ଖାନ (ଆଇ.ଏଫ୍.ଏସ), ବନଖଣ୍ଡ ଅଧିକାରୀ ମହାଦେବ ବଡାଇକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ ନାୟକ ଯୋଗଦେଇ ଚାଷୀ ଙ୍କୁ କୃଷିରେ ରାସାୟନିକ ପଦାର୍ଥ ର ବ୍ୟବହାର କମ୍ କରିବା ପାଇଁ ଉଦବୋଧନ ଦେଇ ଏଗ୍ରୋଫରେଷ୍ଟ୍ରୀ କରିବା ପାଇଁ ଅନୁରୋଧ କରିଥିଲେ। ଜୈବିକ କୃଷିର ଗୁରୁତ୍ୱ ବିଷୟରେ ମଧ ଚାଷୀଙ୍କୁ ବୁଝାଇଥିଲେ। ଆଜିର ସଭାକାର୍ଯ୍ୟ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନୂଆପଡ଼ା ବାବୁଲି ଚରଣ ସେଠୀ ସ୍ୱାଗତ ଅଭିଭାଷଣ ରଖି ଚାଷୀଙ୍କୁ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କରିବା ପାଇଁ ଉଦବୋଧନ ଦେଇଥିଲେ। ସହକାରୀ ଯନ୍ତ୍ରୀ ( କୃଷି) ପଦ୍ମଲୋଚନ ମାଝୀ ଚାଷୀଙ୍କୁ କୃଷି ଯନ୍ତ୍ରପାତିର ଉପକାରିତା ସମ୍ପର୍କରେ ବୁଝାଇଥିଲେ। କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ କୁମାର ବେଉରା ଧନ୍ୟବାଦ୍ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନୂଆପଡ଼ା ର ପ୍ରତାପ ସାହୁ ଓ ସୁଦୂର ବରଗଡ଼ରୁ ଆସିଥିବା ଅର୍ଚ୍ଚିତା ପାଢ଼ୀ। ସନ୍ଧ୍ୟା ରେ ବିଭିନ୍ନ ଲୋକକଳା, ଲୋକଗୀତ, ଓଡ଼ିଶୀ ଓ ସମ୍ବଲପୁରୀ ଗୀତବାଦ୍ୟ ରେ ନୂଆପଡ଼ା ଆକାଶ କମ୍ପି ଉଠିଥିଲା। ମେଳାରେ ସମୁଦାୟ ୫୦ ଗୋଟି ବିଭିନ୍ନ ବିଭାଗ ସହିତ କୃଷି ଯନ୍ତ୍ରପାତିର ଷ୍ଟଲ ପଡ଼ିଛି। ତନ୍ମଧ୍ୟରୁ ୧୩ ଗୋଟି ବିଭାଗୀୟ ଷ୍ଟଲ ହୋଇଥିବା ବେଳେ ଅବଶିଷ୍ଟ ୩୩ ଟି ଷ୍ଟଲ ବିଭିନ୍ନ ଯନ୍ତ୍ରପାତି ସମ୍ବନ୍ଧୀୟ ଷ୍ଟଲ ସହ ୪ ଟି ଖାଦ୍ୟପେୟ ଷ୍ଟଲ ଥିଲା। ସାଇପଲାର ଚକ୍ରଧର ସାହୁ, ନାମକ ଜଣେ ସମନ୍ୱିତ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ସିନାପାଲି ବ୍ଲକର ୨ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆରମ୍ଭିକ ଧନରାଶି ବାବଦକୁ ୧୦,୦୦୦/- ଟଙ୍କା ଲେଖାଏଁ ଆମ୍ବ, ସିନାପାଲି ତରଫରୁ ଜିଲ୍ଲାପାଳଙ୍କ ହାତରେ ଚେକ୍ ମାଧମରେ ପ୍ରଦାନ କରାଗଲା।

# ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କନ୍ଧମାଳ,୧୩/୧(ନି.ପ୍ର):କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପାୟଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫୁଲବାଣୀ ବିଧାୟକ ମାନ୍ୟବର ଉମା ଚରଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିପାରିବ ବୋଲି ପରାମର୍ଶ ଦେଇଥିଲେ। କନ୍ଧମାଳ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ପଛୁଆ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉତ୍ତମ ଛାତ୍ର ଛାତ୍ରୀ ଗଢି ଜିଲାର ନାମ ରୋଷନ କରିବାକୁ ପରାମର୍ଶ ଦେଇଥିଲେ।ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଙ୍କ ସମ୍ମିଳୀତ ପ୍ରଚେଷ୍ଟା ରହିଲେ ଛାତ୍ର ଛାତ୍ରୀ ମାନେ ତାଙ୍କ ଲକ୍ଷସ୍ଥଳରେ ପହଞ୍ଚି ପାରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିରୁପମା ଦୋରା, ଫୁଲବାଣୀ ବ୍ଲକ ଶିକ୍ଷାଧିକାରୀ ରଞ୍ଜନ କହଁର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ଡାକୁଆ ପ୍ରମୁଖ ଯୋଗଦେଇ ଉତ୍ତମ ଛାତ୍ର ହେବାକୁ ପରାମର୍ଶ ଦେଇଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନିଷ୍ଠା ଓ ଏକାଗ୍ରତା ରଖି କଠିନ ପରିଶ୍ରମ କଲେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ ।ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲିପ କୁମାର ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିବା ସହ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଏକ ଭୋଜନ ଗୃହ ନିର୍ମାଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୦୪ମସିହା ବିଦ୍ୟାଳୟର ଖେଳ ପଡିଆକୁ ବିଦ୍ୟାଳୟ ନାମରେ ପଟ୍ଟା କରିବାକୁ ବିଧାୟକଙ୍କ ହସ୍ତକ୍ଷେପ ଲୋଡିଥିଲେ ।ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଭିନ୍ନ ବିଭାଗର କୃତି ପ୍ରତିଯୋଗି ମାନଙ୍କୁ ମଞ୍ଚରେ ଅତିମାନେ ଟ୍ରଫି ଓ ମାନପତ୍ର ଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦବିଲା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ପିଲର୍

## କାର୍ଯ୍ୟାଳୟ ଭିତରେ ସୃଷ୍ଟି ହେଲା ଅଦିନିଆ ଅପ୍ରାକୃତିକ ଭୂମିକମ୍ପ



ଚାନ୍ଦବାଲି୧୩/୧(ନି.ପ୍ର): ନିମ୍ନମାନର କାର୍ଯ୍ୟ ଯୋଗୁଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ପିଲର ଦବି ଯାଇଥିବା ବେଳେ ଏକ ପାଖକୁ ଢଳିପଡ଼ିଲା କୋଠା ଘର। ଯାହା ଫଳରେ କାର୍ଯ୍ୟାଳୟ ଭିତରେ ଅଦିନିଆ ଅପ୍ରାକୃତିକ ଭୂମିକମ୍ପ ସୃଷ୍ଟି ହୋଇଥିବା ବେଳେ ତହସିଲଦାର ଙ୍କ ଉପରେ ଖସି ପଡ଼ିଲା ଗଡ୍ରେଜ୍। ତେବେ ସୁଚନା ମୁତାବକ ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧିନ ତେନ୍ତୁଳିଡ଼ିହି ରଜ୍ୱସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ପିଲର ଦବି ଯିବା କାରଣରୁ ନବ ନିର୍ମିତ କୋଠା ଘର ଟି ଢ଼ଳିପଡିବା ସହ ତହସିଲଦାର ସାମାନ୍ୟ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତିଯାଇଛନ୍ତି ସମସ୍ତ କର୍ମଚାରି। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ବର୍ଷ ପୁର୍ବରୁ ୩୦ ଲକ୍ଷ୍ୟ ଟଙ୍କା ରେ ଏହି ଗୃହ ଟି ନିର୍ମାଣ ହୋଇଥିବା ବେଳେ ଏହି କାର୍ଯ୍ୟାଳୟର ପିଲର୍ ଏବେ ଧସି ଯାଇଛି। ତେବେ ନୂତନ କରି ଯୋଗଦେବା ପାଇଁ ଆସିଥିବା ରାଜସ୍ୱ ନୀରିକ୍ଷକ ସ୍ନେହଲତା ଦାସ ଙ୍କୁ କାର୍ଯ୍ୟଭାର ଦେବା ପାଇଁ ତହସିଲଦାର ଭବତୋଷ ମଲ୍ଲିକ ତେନ୍ତୁଳିଡ଼ିହି ରଜ୍ୱସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିବା ବେଳେ ଏଭଳି ଅଘଟଣ ଘଟିଥିବା ସେ କହିଛନ୍ତି । ତେବେ ନିମ୍ନମାନର କାର୍ଯ୍ୟ ପାଇଁ ଏଭଳି ଦୁର୍ଘଟଣା ଘଟିଥିବା ବେଳେ ଯାହାକୁ ନେଇ ଗ୍ରାମବାସୀ ମାନେ ଭଦ୍ରକ ଜିଲ୍ଲାପାଳ ଏବଂ ଏସ୍,ସି,ଆର୍ଡି ଙ୍କୁ ଏକ ଲିଖିତ ଅଭିଯୋଗ କରିବା ସହ ଉକ୍ତ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି।

# ଜୁଆ ଓ ମହିଳା ଦେହଜିବୀଙ୍କ ଆଡ୍ଡାସ୍ଥଳୀ

ଟିଟିଲାଗଡ,୧୩/୧(ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ ନିକଟସ୍ଥ କୁମୁଡା ଗ୍ରାମ ନିକଟରେ ଦୀର୍ଘ ଦିନ ଧରି ଚାଲି ଆସୁଥବା ଜୁଆ ଓ ମହିଳା ଦେହ ଜିବୀ ଙ୍କ ବେଆଇନ୍ କାର୍ଯ୍ୟ ଚାଲିଥିବା ନେଇ ବିଳମ୍ବିତ ରାତିରେ ଉକ୍ତ କୁମୁଡ଼ା ଗ୍ରାମ ପାହାଡ ପଛ ପଟେ ପୋଲିସ ଚଢ଼ାଉ କରିଥିଲା ।ଏ ସମ୍ପର୍କରେ ଟିଟିଲାଗଡ ନୂତନ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ଖବର ପାଇ ସଦଳ ବଳେ ବିଳମ୍ବିତ ରାତିରେ ଅଚାନକ ଚଢ଼ାଉ କରି ଥିଲେ। ପୁଲିସ୍ ?କୁ ଦେଖି ଜୁଆଡିମାନେ ଚମ୍ପଟ ମାରି ଥିବା ଓ ତିନି ଜଣ ଯୁବତୀ ସହରର ଏକ ନାମୀଦାମୀ ନୂତନ ଲଜ୍ ଘରେ ଥିବା ବେଳେ ଗିରଫ ହୋଇ ନଥିବା ଜଣାପଡିଛି । ସେମାନଙ୍କ ଭିତରୁ ୯ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କଠାରୁ ନଗଦ ୮୨,୫୦୦ ଟଙ୍କା ଜବତ କରିବା ଓ ଏଥିସହ ୨ଟି ବାଇକ୍ ? ଓ ୬ ଟି ମୋବାଇଲ ଫୋନ ଜବତ କରିଥିଲା। ୯ ଜୁଆଡିଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ।ପ୍ରକାଶ ଯେ,ସହର ତଥା କଳାହାଣ୍ଡି ଜିଲ୍ଲା କେସିଙ୍ଗା ଓ ଆଖ, ପାଖ ଅଞ୍ଚଳରୁ ନାମୀ, ଦାବି ବ୍ୟବସାୟୀ ତଥା ବିଭିନ୍ନ ଶ୍ରେଣୀୟ ଲୋକେ ଏହି ଖେଳ ରେ ମଜି ରହିବା ସହ ନିଜ ଗାଡ଼ି, ଦାମୀ ମୋବାଇଲ, ପିନ୍ଧା ସୁନା ଚେନ୍, ମୁଦି ଏ ଖେଳ ରେ ଲଗେଇ ସର୍ବସ୍ୱାନ୍ତ ହେଉଥିବା ବେଳେ ଏହି ଭଳି କଡ଼ା ପେଟ୍ରୋଲିଂ ସହ ଚଢ଼ାଉ ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ୨୦୦୮-୨୦୧୮ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ଦସ୍ତଖତ ଅଭିଯାନ

ନିଆଳୀ,୧୩/୧(ନି.ପ୍ର): ଓଡିଶା ରାଜ୍ୟ ଅଧ୍ୟାପକ ଓ କର୍ମଚାରି ସଙ୍ଘ (OSNLEA) ପକ୍ଷରୁ ଅଡ଼ଶପୁର ସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟକ ମହାବିଦ୍ୟାଳୟରେ ସରକାରୀ ଅନୁଦାନ ନିମନ୍ତେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ୨୦୦୮ରୁ ୨୦୧୮ମସିହା ମଧ୍ୟରେ କଲେଜ ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦିଆଯାଉ ବୋଲି ଦାବି କରାଯାଉଛି । ସାରା ରାଜ୍ୟରୁ ସାଧାରଣ ନାଗରିକଙ୍କ ଦସ୍ତଖତ ସଂଗ୍ରହ କରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଆଳି ଖଣ୍ଡ ସଂଯୋଜିକା ଅଧ୍ୟାପିକା ଲିତାରାଣୀ ପ୍ରଧାନ ସୂଚନା ଦେଇଛନ୍ତି । ଅଡ଼ଶପୁର କଲେଜର ରାଜେନ୍ଦ୍ର ପ୍ରସାଦ ଦକ୍ଷିଣ କବାଟ, ରାକେଶ ଦାଶ, ଦ୍ରିଶଙ୍କା ଦ୍ୟୁତିଶିଖା, ନିରୁପମା ମିଶ୍ର, ମହେନ୍ଦ୍ର ମହାପାତ୍ର, ଅଜୟ ବରାଳ, ପ୍ରଗତି ସିଂ, ସୁନନ୍ଦା କାନୁନଗୋ, ସରିତା ପରିଡା, ଶୁଭଶ୍ରୀ ତ୍ରିପାଠୀ, ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘ ଗଞ୍ଜାମର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ

ଆସିକା,୧୩/୧(ନି.ପ୍ର):ସ୍ଥାନୀୟ ସୁନାମ୍ଭ ସାହି ଜଗନ୍ନାଥ ମନ୍ଦିର ପରିସରରେ ସୁରେନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘ ଗଞ୍ଜାମର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ନିରୋଜ ପାଢ଼ୀ, ବନମାଳୀ ସାମନ୍ତରା, ପ୍ରତାପ କୁମାର ମିଶ୍ର, ଗଙ୍ଗାଧର ଶତପଥୀ, ସତ୍ୟନାରାୟଣ ରଥ, ଅନିଲ ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ, ଶକ୍ତି ପ୍ରସାଦ କର, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପ୍ରସନ୍ନ ତ୍ରିପାଠୀ, ସିତାରାମ ଦାସ, ସରୋଜ କୁମାର ଦାସ, ଉପେନ୍ଦ୍ର ନାଥ,ଦାସ, ଭବାନୀ ପ୍ରହରାଜ, ସନ୍ତୋଷ କୁମାର ମିଶ୍ର, ନାରାୟଣ ମୁନି ସମେତ ବହୁ ବ୍ରାହ୍ମଣ ମାନେ ଉପସ୍ଥିତ ରହି ଉକ୍ତ ବୈଠକରେ ବ୍ରାହ୍ମଣ ସମାଜ ସହ ଜନସାଧାରଣଙ୍କ ପାଇଁ ବହୁ ଉପାଦେୟ ପ୍ରସ୍ତାବ ଆଲୋଚନା କରାଯାଇଥିଲା ।

କର୍ମକାଣ୍ଡ ବିତ୍, ସୁ ପକାର, ମନ୍ଦିର ପୂଜକ ମାନଙ୍କୁ ସରକାରୀ ପ୍ରୋତ୍ସାହନ ଓ ସ୍ଥାୟୀତ୍ୱ ପାଇଁ ସରକାରୀ ସହାୟତା ଯୋଗାଇଦେବା ପାଇଁ ବୈଠକରେ ନାଷ୍ପତି କରାଯାଇଥିଲା । ଜିଲ୍ଲାରେ ତୃଣମୂଳ ସ୍ତରରେ ସଂଗଠନ ଋଷିକୂଲ୍ୟା ଓ ବଡନଦୀ ମିଶ୍ରଣ ସ୍ଥଳ, ବୁଡ ତୋଟା ଉନ୍ନୟନ, ବ୍ରାହ୍ମଣୀ ମାନଙ୍କ ଏବଂ ଜନସାଧାରଣଙ୍କ ଆସିକା ଅଞ୍ଚଳରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସଂଗଠନର ରୂପରେଖ ପ୍ରସ୍ତାବ ପାରିତ ହୋଇଥିଲାବ୍ରାହ୍ମଣ ସମାଜ ସହ ଜନସାଧାରଣଙ୍କ ପାଇଁ ବହୁ ଉପାଦେୟ ପ୍ରସ୍ତାବ ଗୃହୀତ ହୋଇଥିଲା ।ଆଗାମୀ ଅକ୍ଷିତୃତୀୟାରେ ସାମୁହିକ ବ୍ରତ ଉପନୟନ ଗରିବ ବ୍ରାହ୍ମଣ ବାଳକ ମାନଙ୍କର କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ।

# ନୂଆପଡାରେ ପ୍ରବାସୀ ଭାରତୀୟ ଦିବସ ପାଳିତ



ନୂଆପଡ଼ା,୧୩/୧(ନି.ପ୍ର): ଆଜି ନୂଆପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଏ୍ଂ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଯୋଗ ଦେଇଥିଲେ । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଆଜିର ଉତ୍ସବ ପ୍ରବାସୀ ଭାରତୀୟଙ୍କ କିର୍ତ୍ତି ଓ କୃତୀ କୁ ସମ୍ମାନୀତ କରିବାର ଏକ ଅବସର । ଆମେ ଯିଏ ଯେଉଁଠି ଥିଲେବି ଭାରତୀୟତା ଆମ ହୃଦୟରେ ଅଛି । ଜନ୍ମଭୂମି କୁ ଆମେ କେବେହେଲେ ଭୁଲିବା ନାହିଁ । ଅପରାହ୍ନ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା-ଡଲି ମାଝୀ ,ସମ୍ମାନୀତ ଅତିଥି ଭାବରେ ଉପାଧକ୍ଷା ଜିଲ୍ଲା ପରିଷଦ - ଦୀପିକା ଦୀପ,ଜିଲ୍ଲାପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରବାସୀ ଭାରତୀୟ ଦିବସ ପାଳନର ଉଦେଶ୍ୟ ଓ ଲକ୍ଷ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଜନଜାତି ଶିକ୍ଷା ସଂଯୋଜକ କମଲ କୁମ୍ଭାର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ , ପ୍ରବନ୍ଧ, ଧୀର ସାଇକେଲ ଚାଳନା, ପୋଷ୍ଟର ପ୍ରଦର୍ଶନ ପ୍ରତିଯୋଗୀତା ହୋଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ପେଡାଗୋଜି ସଂଯୋଜକ ହେମନ୍ତ ଭୋଇ ଏବଂ ଜିଲ୍ଲା ଶିକ୍ଷା ବିଭାଗ,ନୂଆପଡାର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା କଲେ ଜିଲ୍ଲାପାଳ

କୋରାପୁଟ,୧୩/୧(ନି.ପ୍ର): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସେବାର ଅଗ୍ରଗତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କରାଯାଇଥିଲା । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଯୋଗଦେଇ ସମୀକ୍ଷା କରିଥିଲେ। ଭିତ୍ତି ଭୂମିର ବିକାଶ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଯେଉଁ କାର୍ଯ୍ୟକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି ତାହାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଏହି ସମୀକ୍ଷା ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରଦା କାନ୍ତ ମିଶ୍ର, ଏଡିପିଏଚଓ( ପରିବାର କଲ୍ୟାଣ) ଡାକ୍ତର ନୀଳ ମାଧବ ଶତପଥି, ଜୟପୁର ସଦର ମହକୁମା ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ରବି ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନଙ୍କ ସହ ଜିଲ୍ଲା ଶିଶୁ ବିକାଶ ଅଧିକାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଶୁଭକାନ୍ତ ଗନ୍ତାୟତ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ବୌଦ୍ଧ ଜିଲ୍ଲା ଗଞ୍ଜେଇ ଚାଷର ଗନ୍ତାଘର : ଗତବର୍ଷ ୬୯୧୦ ଏକର ୭୪ଲକ୍ଷ ଉର୍ଦ୍ଧ୍ୱ ଗଛ ନଷ୍ଟ

## ଚାଷ ନିପାତ ପାଇଁ ଦିନରାତି ପୋଲିସ ର ଅକ୍ଳାନ୍ତ ପରିଶ୍ରମ



ବୌଦ୍ଧ,୧୩/୧(ନି.ପ୍ର)::ବୌଦ୍ଧ ଜିଲ୍ଲା ଓଡିଶା ମାନଚିତ୍ର ର ମଧ୍ୟ ଭାଗରେ ଅବସ୍ଥିତ । ବୌଦ୍ଧ ଏକ ଶିଳ୍ପବିହୀନ ଜିଲ୍ଲା ହୋଇଥିବା ବେଳେ କୃଷି ଭିତ୍ତିକ ଜିଲ୍ଲା ଅଟେ । ଜିଲ୍ଲା ଟି ମାତ୍ର ତିନୋଟି ବ୍ଲକ ଓ ଗୋଟିଏ ଏନ ଏ ସି କୁ ନେଇ ଗଠିତ ! ଜିଲ୍ଲା ରେ ଲୋକମାନେ ଧାନ ଚାଷ କୁ କୃଷି କ୍ଷେତ୍ରରେ ପ୍ରାଧାନ୍ୟ ଦେଉଥିବା ବେଳେ ବୌଦ୍ଧ ର ସଂସ୍କୃତି,ପରମ୍ପରା, ଅତି ନିଆରା କିନ୍ତୁ ଏଭଳି ଶାନ୍ତ ଜିଲ୍ଲା ରେ ଅଶାନ୍ତ କରୁଛି ଗଞ୍ଜେଇ ଚାଷ । ନଷ୍ଟ ହେଉଛି ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ । ଜିଲ୍ଲାର ହରଭଙ୍ଗା ବ୍ଲକରେ କାଁ ଭାଁ ଚାଷ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ବିଶେଷ କରି ଉପାନ୍ତ ଅଞ୍ଚଳ ତଥା ବୌଦ୍ଧ ବ୍ଲକ ଓ କନ୍ଧମାଳ ବ୍ଲକ ର ପାହାଡିଆ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳ ଗ୍ରାମ ଗୁଡିକରେ ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପାଉଛି ଗଞ୍ଜେଇ ଚାଷ । ମାଆଫି ଙ୍କ ଉପରେ ରୋକ ଲଗାଇ ପାରୁ ନାହିଁ ପୋଲିସ କି ବନ ବିଭାଗ । ଯେତେ କାଟିଲେ ବି ଛିଡୁନି ଗଞ୍ଜେଇ ଚେର । କିଏ କାହିଁକି ଏଭଳି କ୍ଷେତ୍ର କୁ ପ୍ରଶୟ ଦିଆଯାଉଛି ତାହା ସାଧାରଣ ରେ ଏକ ବଡ଼ ପ୍ରଶ୍ନ । ଗଞ୍ଜେଇ ଚାଷ ହେଉ କି ଚୋରା ଚାଲାଣ ହେଉ ସବୁବେଳେ ବୌଦ୍ଧ ଜିଲ୍ଲା ରାଜ୍ୟରେ ଚର୍ଚିତ । ଦୈନିକ ଗଞ୍ଜେଇ ମାମଲା ଖବର ସାମ୍ନା କୁ ଆସୁଛି । ଜଙ୍ଗଲ ନଷ୍ଟ ସହ ଏକର ଏକର ଗଞ୍ଜେଇ ଚାଷ କରାଯାଉଥିବା ଓ ରାଜ୍ୟ ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ ମଧ୍ୟ ପୋଲିସ କିପରି ଏହାର ମୂଳ ଚେର କାଟି ପାରୁନାହିଁ ଏପଟେ ପୋଲିସ ଓ ବନ ବିଭାଗର ସ୍ୱଚ୍ଛତା କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀଙ୍କ ଭିତରେ ପ୍ରଶ୍ନ ଉଠୁଛି । ଜିଲ୍ଲା କୁ ଗଞ୍ଜେଇ ମୁକ୍ତ କରିବା ପାଇଁ ପୋଲିସ ଦିନରାତି ଏକ କରି ଗଞ୍ଜେଇ କାଟ ଅଭିଯାନ ଚଳାଇଥିବା ବେଳେ ଗଞ୍ଜେଇ ଚେର ଯେତେ କାଟିଲେ ବି ସରୁ ନଥିବା ଜଣାପଡୁଛି । ସବୁଠାରୁ ବଡ଼ ପ୍ରଶ୍ନ ଉଠେ ଏକର ଏକର ଗଞ୍ଜେଇ ଚାଷ ପାଇଁ ସୁରକ୍ଷା ଦେଉଛି କିଏ । ଜଙ୍ଗଲ ଭିତରେ କିପରି ହେଉଛି ଗଞ୍ଜେଇ ଚାଷ ? ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ଦାୟିତ୍ୱ ଥିବା ବେଳେ ଜଙ୍ଗଲ ଭିତରେ ଜଙ୍ଗଲ ନଷ୍ଟ ସହ କିପରି ହେଉଛି ବେଆଇ ନ ଗଞ୍ଜେଇ ଚାଷ । ନିଜେ ରକ୍ଷକ ହୋଇ ଭକ୍ଷକ ସାଜିଛି କି ବନବିଭାଗ ନା ଏଭଳି ଚାଷ ପାଇଁ କାହାର ହାତ ରହିଛି । କାରଣ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲେ ଯେମିତି ଜାଣିହୁଏ ସେମିତି ଗଞ୍ଜେଇ ପାଇଁ ବୌଦ୍ଧ ଜିଲ୍ଲା କେତେ ହଟସ୍ପଟ ତାହା ବାରି ହୋଇପଡୁଛି । ଗତ ୨୦୨୪ ବର୍ଷରେ ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ୬୯୧୦ ଏକର ଚାଷରେ ୭୪ଲକ୍ଷ୍ୟ ୬୭ ହଜାର ଗଛ ନଷ୍ଟ କରିବାରେ ସକ୍ଷମ ହୋଇଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ କ୍ଷେତ୍ର ରେ ୧୭୪ କୁଇଣ୍ଟାଲ ଗଞ୍ଜେଇ ଓ ୭୮ଟି ଜାନବାହାନ ଜବତ ସହ ୧୮୦ଟି ମାମଲା ରଜୁକରି ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାର ୧୨୪ଜଣ ଆସାମୀଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି । ଅନ୍ୟପଟେ ୨୦୨୫ ଆର୍ଥିକ ବର୍ଷ ଆରମ୍ଭରୁ ଅର୍ଥାତ ଜାନୁୟାରୀ ୭ ତାରିଖ ଭିତରେ ଗଞ୍ଜେଇ ଗଛ କାଟ ଅଭିଯାନ ରେ ୧୩୭ଏକର ପୁଣି ନଷ୍ଟ କରିଥିବା ଜଣାପଡ଼ିଛି । ଗୋଟିଏ ପଟେ ପୋଲିସ ଦିନ ରାତି ଗଞ୍ଜେଇ ମାଆଫି ଙ୍କୁ ସାବଡ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ ପୋଲିସକୁ ଚକମା ଦେଇ ମାଆଫି ମଧ୍ୟ ଗଞ୍ଜେଇ ଚାଷ କାୟା ବିସ୍ତାର କରୁଛି । ଦେଖାଯାଉ ଆଗାମୀ ଦିନରେ ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ ଉପରେ ରୋକ ଲାଗୁଚି ନା କାୟା ବିସ୍ତାର କରୁଛି ।

# ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଦ୍ୱାରା ସିନାପାଲି ଜଗନ୍ନାଥ ମନ୍ଦିର ସମ୍ମାନିତ



ସିନାପାଲି, ୧୩/୧(ନି.ପ୍ର): ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ତିନିଦିନ ଧରି ଅନୁଷ୍ଠିତ ଅନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବରେ ସିନାପାଲି ଜଗନ୍ନାଥ ମନ୍ଦିରକୁ 'ଶ୍ରୀଜଗନ୍ନାଥ ଚେତନା ସଂଗଠକ ୨୦୨୪' ପୁରସ୍କାରରେ ସମ୍ମାନିତ କରାଯାଇଛି । ବ୍ୟବସ୍ଥିତ ଢଙ୍ଗ ଓ ବିଧି ଅନୁଯାୟୀ ଜଗନ୍ନାଥ ମନ୍ଦିରର ପରିଚାଳନା ଏବଂ ଅଂଚଳରେ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବର ଉଦଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଆଇନ୍ ମଂତ୍ରୀ ପ ?ଥ୍ୱୀରାଜ ହରିଚନ୍ଦନ ଓ ମୁଖ୍ୟବକ୍ତା ଭାବରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ, ରାଜ୍ୟ ସଭାପତି ସୁଦର୍ଶନ ନାଏକ, ମହାସଚିବ ଡ. ନରେଶ କୁମାର ଦାସ, ସଂଗଠନ ସଂପାଦକ ଡ. କରୁଣାକର ପ୍ରଧାନ ଓ ସଂପାଦକ ରାଧେଶ୍ୟାମ ପଣ୍ଡା ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ । ସିନାପାଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେର ଏହି ଆଧ୍ୟାତ୍ମୀକ ମଂଚରେ ଯୋଗଦେଇ ଉକ୍ତ ଗୌରବାବହ ପୁରସ୍କାର ଗ୍ରହଣ କରିଥିବା ବେଳେ ସିନାପାଲି ଜଗନ୍ନାଥ ମନ୍ଦିର କମିଟିର ସଂପାଦକ ତୁଳସୀରାମ ମେହେର, ସହସଂପାଦକ ରୂପେଶ ଚଂଦ୍ର ମେହେର ଓ ପୂଜକ ବସନ୍ତ ପତି ଉପସ୍ଥିତ ରହିଥିଲେ । ଏହି ଖବର ପାଇଲା ପରେ ସିନାପାଲି ଅଂଚଳର ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ପ୍ରକାଶ ପାଇଛି ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



କୋରାପୁଟ,୧୩/୧(ନି.ପ୍ର):ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ -୨୦୨୫ ଅବସର ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କୋରାପୁଟ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଏବଂ ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଭିନ୍ନ ବ୍ଲକ୍ ରୁ ଆସିଥିବା ଅଷ୍ଟମ ରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ଗୁଡ଼ିକର ପ୍ରସଙ୍ଗ ଥିଲା ପ୍ରବାସୀ ଭାରତୀୟଙ୍କ ଉପଲବ୍ଧି ଏବଂ ଭାରତର ବିକାଶରେ ସେମାନଙ୍କ ଅବଦାନ ।ପ୍ରବନ୍ଧ ଲିଖନ,କୁଇଜ୍,ପୋଷ୍ଟର ଉପସ୍ଥାପନା ଏବଂ ସାଇକେଲ ଚାଳନା ଆଦି ପ୍ରତିଯୋଗିତାକୁ ତିନୋଟି ବର୍ଗରେ ଆୟୋଜନ କରାଯାଇଥିଲା ।ଉଦଯାପନୀ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ ।ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, କୋରାପୁଟ ମଣ୍ଡଳ ଶିକ୍ଷା ଅଧିକାରୀ,ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇଥିଲେ ।ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।ରମେଶ ସାହୁ ଏବଂ ରଶ୍ମିତା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଭବେସ ପତି, ପ୍ରଦୀପ ପାତ୍ର,ଦୀପକ ସାହୁ, ତ୍ରିଲୋକେସ ପଣ୍ଡା,ସୁଜିତ୍ ଜେନା, ସାଗରିକା ମିଶ୍ର ଏବଂ ଧରଣୀଧର ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଙ୍ଗାରୁ କୋର୍ଟ ବନ୍ଦ ଦାବିରେ ସେଙ୍ଗେଲ ପକ୍ଷରୁ ବିକ୍ଷୋଭ

- କଙ୍ଗାରୁ କୋର୍ଟ ପାଇଁ ୩ ମାସ ଧରି ମୃତ ସ୍ତ୍ରୀଙ୍କ ଶବ ସତ୍କାର ହୋଇ ପାରୁନି
- ପ୍ରଶାସନ ପଦକ୍ଷେପ ନନେଲେ ମୟୂରଭଞ୍ଜ ବନ୍ଦ ଡାକରା ଦେବ ସେଙ୍ଗେଲ



ବାରିପଦା,୧୩/୧(ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନ ସହ ଅଲ ଇଣ୍ଡିଆ ମାଝୀ ପାର୍ଗାନା ମାଡଓ୍ୱା ଓଡିଶା ପ୍ରଦେଶ କମିଟିର ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ କଙ୍ଗାରୁ କୋର୍ଟ ବନ୍ଦ ଦାବିରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବା ସହ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତ ଦେଶ ସମ୍ବିଧାନରେ ଚାଲିଛି ଏବଂ ଶାନ୍ତି ବଜାୟ ରଖିବା ସହିତ ନ୍ୟାୟ, ସୁରକ୍ଷା, ଅଧିକାର ପ୍ରଦାନ ପାଇଁ କୋର୍ଟ, ହାଇକୋର୍ଟ, ସୁପ୍ରିମକୋର୍ଟର ବ୍ୟବସ୍ଥା ରହିଛି ମାତ୍ର ଉକ୍ତ ବ୍ୟବସ୍ଥାକୁ ଅନେକ ସ୍ଥଳରେ ଆଦିବାସୀ ଗ୍ରାମ ସମାଜରେ ପାଳନ କରା ନଯାଇ କଙ୍ଗାରୁ କୋର୍ଟ ଚାଲିଛି, ଯାହା ଅସାମ୍ବିଧାନିକ ଅଟେ । ଉକ୍ତ କଙ୍ଗାରୁ କୋର୍ଟ ଦ୍ୱାରା ଗ୍ରାମ ସମାଜର ନିରୀହ ଲୋକଙ୍କୁ ମନଇଚ୍ଛା ଜରିମାନା, ସାମାଜିକ ବାସନ୍ଦ, ଅନ୍ଧବିଶ୍ୱାସ, ଡାହାଣୀ ନାମରେ ହତ୍ୟା ଆଦି ଅସାମ୍ବିଧାନିକ କୁକାର୍ଯ୍ୟ କରାଯାଉଛି ଏବଂ ଏହା ଆଦିବାସୀ ସ୍ୱଶାସନ (ମାଝୀ-ପାର୍ଗାନା) ବ୍ୟବସ୍ଥାର ପ୍ରମୁଖମାନଙ୍କର ନେତୃତ୍ୱରେ ନିରନ୍ତର ଭାବରେ ପରିଚାଳିତ କରାଚାଲିଛି । ତେଣୁ ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ଅଶାନ୍ତି, ଅନ୍ୟାୟ, ଅତ୍ୟାଚାର, ଶୋଷଣ ଲାଗିରହିଛି. ଏଣୁ ଆଦିବାସୀ ଗ୍ରାମ ସମାଜରୁ କଙ୍ଗାରୁ କୋର୍ଟକୁ ବନ୍ଦ କରାଯିବା ସହିତ ଆଦିବାସୀ ଗ୍ରାମ ସମାଜରେ ଅବିଳମ୍ବେ ସମ୍ବିଧାନ, ଆଇନ ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ଲାଗୁ କରାଯିବାକୁ ଦାବି କରାଯାଇଛି । ନିକଟ ଅତୀତରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମ ପଞ୍ଚାୟତର ଡୋରକଣ୍ଡିଆ ଗ୍ରାମରେ ଉକ୍ତ କଙ୍ଗାରୁ କୋର୍ଟ ଦ୍ୱାରା ସୁନ୍ଦର ମୋହନ ମାଝୀଙ୍କୁ ସାମାଜିକ ବାସନ୍ଦ କରାଯାଇ ତାଙ୍କର ସ୍ତ୍ରୀ ସାକ୍ରମଣି ମାଝୀଙ୍କର ଶବକୁ ୩୦ (ତିରିଶ) ଘଣ୍ଟା ଧରି ଗ୍ରାମବାସୀମାନେ ଶବ ସତ୍କାର କରିବାକୁ ଦେଇ ନଥିଲେ. ସେହିପରି ତାଙ୍କୁ ୩ ମାସ ହେଲା ଶୁଦ୍ଧିକ୍ରିୟା କରାଇ ନଦେବା, ସରକାରୀ କୂଅ, ନଳକୂଅରୁ ପାଣି ପିଇବାକୁ ନଦେବା, ଗୋରୁ, ଗାଇ, ଛେଳି ଚରାଇବାକୁ ନଦେବା, ପାଚିଲା ଧାନକୁ କାଟିବାକୁ ନଦେଇ ୫ (ପାଞ୍ଚ) ଏକର ଜମିର ଧାନ ସମ୍ପୂର୍ଣ୍ଣ ନଷ୍ଟ କରାଇବା ଭଳି ଅସମ୍ବିଧାନିକ କାର୍ଯ୍ୟ ଚାଲିଛି । ଏଥିରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ତେଣୁ ପୀଡିତ ପରିବାରକୁ ନ୍ୟାୟ ଏବଂ ସୁରକ୍ଷା ପ୍ରଦାନ କରାନଗଲେ ଆଦିବାସୀ ସେଙ୍ଗେଲ ଆଭିଯାନ ପକ୍ଷରୁ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯିବ ବୋଲି କୁହାଯାଇଛି. ଏହି ଧାରଣା ପ୍ରଦର୍ଶନରେ କାଳୁରାମ ମୁର୍ମୁ, କଲ୍ୟାଣ ବାସ୍କେ, ମାଧବ ଚନ୍ଦ୍ର ମୁର୍ମୁ, ଗୁନାରାମ ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଘାସିରାମ ହେମ୍ବ୍ରମ, ମାସାଂ ହାଁସଦାଃ, ମେଘ୍ରାୟ ସୋରେନ, ବାହାଦୁର ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, ପାନମଣି ହେମ୍ବ୍ରମ, ରୂପଶ୍ରୀ ମୁର୍ମୁ, ମାଳତୀ ହାଁସଦାଃ ପ୍ରମୁଖ ଶତାଧିକ ସେଙ୍ଗେଲ ନେତା ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ସମ୍ପାଦକୀୟ...

# ଦଣ୍ଡ ପାଇବେ ଟ୍ରମ୍ପ୍ !

ଜଣେ ପର୍ଣ୍ଣ ଷ୍ଟାରଙ୍କୁ ଚୁପ୍ ରହିବା ପାଇଁ ଟଙ୍କା ଦେବା ମାମଲାରେ ନ୍ୟୁୟର୍କର ଜଜ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଦଣ୍ଡବିଧାନର ତାରିଖ ସ୍ଥିର କରିଛନ୍ତି। ଏହା ସହିତ ନିଷ୍ପତ୍ତି ନିଆଯାଇଛି ଯେ ରିପବ୍ଲିକାନ୍ ନେତା ଆମେରିକାର ପ୍ରଥମ ରାଷ୍ଟ୍ରପତି ହେବେ ଯିଏ ଦୋଷୀ ସାବ୍ୟସ୍ତ ଅପରାଧୀ ଭାବରେ ହ୍ୱାଇଟ ହାଉସ୍‌କୁ ଯିବେ। ଜଜ୍ ମାର୍ଚେନ୍ ଦଣ୍ଡାଦେଶ ତାରିଖ ସ୍ଥିର କରି ସୂଚାଇ ଦେଇଛନ୍ତି ଯେ, ମାମଲାର ଶୁଣାଣି ଶେଷ ହୋଇଛି। ଜାନୁଆରି ୨୦ରେ ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିବାର ୧୦ଦିନ ପୂର୍ବରୁ ଏହି ରାୟ ପ୍ରଦାନ କରାଯିବ। ବିଚାରପତି କହିଛନ୍ତି ଯେ, କ୍ଷମତାର ପରିବର୍ତ୍ତନରେ ତାଙ୍କର କର୍ତ୍ତବ୍ୟ ଯୋଗୁ ଡୋନାଲ୍ଡ ଟ୍ରମ୍ପ୍ ଜାନୁଆରି ୧୦ କୋର୍ଟର ପ୍ରକ୍ରିୟାରେ ଦୂରେଇ ରହି ଅଂଶଗ୍ରହଣ କରିପାରିବେ।

ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦଣ୍ଡାଦେଶ ତାରିଖ ପୂର୍ବରୁ ୧୧ ଜୁଲାଇ ୨୦୨୩ ପାଇଁ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ତାଙ୍କ ଓକିଲଙ୍କ ଅନୁରୋଧ କ୍ରମେ ଦୁଇଥର ସ୍ଥଗିତ ରଖାଯାଇଥିଲା। ଶେଷରେ ରାଷ୍ଟ୍ରପତି ନିର୍ବାଚନ ପରେ ନଭେମ୍ବର ଶେଷ ତାରିଖ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ତା'ପରେ ଟ୍ରମ୍ପ୍ ନିର୍ବାଚନରେ ଜିତିଲେ ଏବଂ ବିଚାରପତି ପ୍ରକ୍ରିୟା ବନ୍ଦ କରିଦେଲେ ତେଣୁ ସେ କଣ କରିବେ ତାହା ସେହି ନିଷ୍ପତ୍ତି ନେଇପାରିବେ। ବିଚାରପତି ଦଣ୍ଡ ଘୋଷଣା ନ କରିବା ପର୍ଯ୍ୟନ୍ତ ଏ ବିଷୟରେ କିଛି କୁହାଯାଇପାରିବ ନାହିଁ। ତେବେ ସେ କହିଛନ୍ତି ଯେ, ଆଇନ ଅନୁଯାୟୀ ସରକାରୀ ଓକିଲ ଏବଂ ଟ୍ରମ୍ପ୍‌ଙ୍କୁ ସେମାନଙ୍କ ମତାମତ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଏନେଇ ଦଣ୍ଡାଦେଶ ଜରିମାନା ଠାରୁ ଆରମ୍ଭ କରି ଚାରି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାନଦେଶ ହୋଇପାରେ। କିନ୍ତୁ ଜଜ୍ ଶୁକ୍ରବାର ଲେଖିଛନ୍ତି ଯେ, ସର୍ତ୍ତମୂଳକ ଡିସଚାର୍ଜ କୁହାଯାଉଥିବା "ସବୁଠାରୁ କାର୍ଯ୍ୟକ୍ଷମ ବିକଳ୍ପ" ହୋଇପାରେ। ଏହା ଜେଲ୍, ଜରିମାନା କିମ୍ବା ପ୍ରୋବେସନ ବିନା ମାମଲା ଶେଷ କରିଥାଏ କିନ୍ତୁ ବିନା ସର୍ତ୍ତମୂଳକ ଡିସଚାର୍ଜ ସହିତ ଅଭିଯୁକ୍ତଙ୍କର ଦୋଷ ଲିପିବଦ୍ଧ ହୋଇଥିବା ସେ କହିଛନ୍ତି।

# ପରିବର୍ତ୍ତନ

ଅସହାୟ ଭାବରେ ପଡି ରହିଥିଲି ମୁଁ ବିଛଣାରେ। ହାତ ଗୋଡ ହଲାଇବାକୁ ବି ଶକ୍ତି ନାହିଁ,ଚାଲିବା ତ ଦୂରର କଥା।ଉଚ୍ଚ ରକ୍ତଚାପରୁ ମସ୍ତିଷ୍କାଘାତ ହୋଇ ଗୋଟେ ପାଖ ଅଚଳ।ସାଙ୍ଗେ ସାଙ୍ଗ ସ୍ୱାମୀ ଡାକ୍ତରଖାନା ନେଇ ଯାଇଥିବାରୁ ଜୀବନ ରହିଗଲା।ମାସେ କାଳ ଡାକ୍ତରଖାନାରେ ପଡିପଡି ଫେରିଛି।ସେବାଶୁଶ୍ରୂଷା ପାଇଁ ଝିଅଟିଏ ଅଛି, ନାଁ ଲତା।ଲତା ମଧ୍ୟାହ୍ନ ଖାଇବା ଖୁଆଇ ଦେଉଥାଏ।ଦୁଆର ମୁହଁରେ ଘଣ୍ଟି ବାଜି ଉଠିଲା।କିଏ ଦୁଇଜଣ ପୁରୁଷ ଓ ମହିଳା ଘର ଭିତରକୁ ପଶି ଆସିଲେ।ମୁଣ୍ଡ ଟେକି ଚାହିଁଲି । ପ୍ରଭାତ ଓ ମାନି ମୋ ଭାଇ ଭାଉଜ। ଆଖିରୁ ଲୁହଧାର ବୋହି ଯାଉଥାଏ ପ୍ରଭାତର ।'ନାନୀ।ତୁ ଏମିତି ପର କରିଦେଲୁ।ତୋ ଦେହ ଏତେ ଖରାପ ଟିକେ ବି ଜଣାଇଲୁନି । ଗାଁ ରୁ ରମେଶ ଠାରୁ ଜାଣି ଆସିଛି'।ମୋ ଆଖିରୁ ଅବାରିତ ଅଶ୍ରୁ ବୋହି ଚାଲିଥାଏ। ମୁଁ ଏକଦମ୍ ଭାବପ୍ରବଣ ହୋଇ ପଡିଲି ତାକୁ ଏ ଅସମୟରେ ମୋ ପାଖରେ ଠିଆହୋଇଥିବାର ଦେଖି। କିଛି ଦିନ ପୂର୍ବେ ଆମେ ପରସ୍ପରର ମୁହଁ ଆଉ ଚାହିଁବୁନି ବୋଲି ଦୃଢ ନିଶ୍ଚୟ କରିଥିଲୁ ସତ,ହେଲେ ଏବେ ସେସବୁ କଥା ମନେ ପଡୁନଥିଲା କାହାର। ଯାହାହେଲେ ରକ୍ତର ସମ୍ପର୍କ ଆଗରେ ସବୁ ମାନ ଅଭିମାନ ଫିକା ପଡ଼ିଯାଏ ।ଶରୀରର ଅସୁସ୍ଥତା ବେଳେ ନିଜ ଲୋକକୁ ପାଇଲେ ବଳ ବଢ଼ିଯାଏ,ରୋଗ ଯନ୍ତ୍ରଣା ଉଭେଇ ଯାଏ।

ଆମେ କେବଳ ଲୁହ ଭିଜା ଆଖିରେ ଦେଖି ଚାଲିଥିଲୁ ଜଣେ ଜଣକୁ। ହାତ ବଢ଼ାଇ କୋଳେଇ ନେବାକୁ ଚେଷ୍ଟା କରି ମଧ୍ୟ ପାରୁନଥାଏ ।

ପ୍ରଭାତ ମୋ ହାତକୁ ଧରି କାନ୍ଦୁଥାଏ।ମାନି ଗୋଡ ଘସିବାକୁ ଆରମ୍ଭ କଲା।ଲୁହ ଟଳମଳ ସମସ୍ତଙ୍କ ଆଖି। ଖୁସିରେ ମୋ ରୋଗ କଥା ମୁଁ ଭୁଲିଯାଉଥିଲି। ଲତାକୁ କହିଲି ପ୍ରଭାତ,ମାନିଙ୍କୁ ପାଣି ଦେଇ ଖାଇବା ଖବର ବୁଝିବାକୁ।ମାନି ବି ଧାଇଁଗଲା ଘର ଭିତରକୁ କିଛି ତିଆରି କରିବାକୁ। ଆଣିଥିବା ମିଠା କିଛି ମୋତେ ଖୁଆଇବାକୁ ଲାଗିଲା ।

ସେଦିନର ସେ ଅଘଟଣ କଥା ମନେପଡ଼ିଲା।

କିଛି ଦିନ ତଳେ ଘରକୁ ଯାଇଥାଏ। ବାପା ଇଚ୍ଛା କଲେ ଦୋସା ଖାଇବାକୁ।ବଜାରରୁ ଆଣି ତାଙ୍କୁ ଖାଇବାକୁ ଦେଲି। ତାପର ଦିନ ତାଙ୍କର ଝାଡ଼ାବାନ୍ତି ଆରମ୍ଭ ହେଲା।ମାନି ରାଗରେ ଗରଗର ହୋଇ କେତେ କଥା କହି ଯାଉଥାଏ । ମୁଁ କହିଲି 'ବୃଦ୍ଧ କାଳରେ ଏମିତି ସମୟେ ସମୟେ ହୁଏ।'ସାଙ୍ଗେ ସାଙ୍ଗେ କହିଦେଲ।'ତୁମେ ତ କାଲି ସକାଳେ ପଳାଇବ। ସବୁଦିନ କଲେ ଜାଣିବ'। ମୁଣ୍ଡକୁ ମୋର ପିତ୍ତ ଚଢ଼ିଗଲା। ଘରଦ୍ୱାର ସବୁ ବାପା କରିଛନ୍ତି।ଭାଇ ଏବଂ ଆମ ଦୁଇ ଭଉଣୀଙ୍କର ପାଠପଢା ବାହାଘର ସବୁକିଛି କରିଛନ୍ତି।ଏବେ ବି ବାପାଙ୍କ ପେନସନ୍ ପଇସାରେ ଘର ଚଳେ, ତାପରେ ବି ଏତେ ସାହସ।'ଠିକ୍ ଅଛି, ଯଦି ତୁମକୁ ଅସୁବିଧା ହେଉଛି ମୁଁ ବାପାଙ୍କୁ ନେଇଯିବି '।ଏହି ସମୟରେ ଭାଇ ବଜାରରୁ ଫେରିଲା।ମାନି ସକେଇ କାନ୍ଦିବାକୁ ଲାଗିଲା। ସବୁ ଶୁଣି ପ୍ରଭାତ ବି ସ୍ତ୍ରୀ ପଟିଆ ହୋଇ ମୋତେ ଦି ପଦ ଶୁଣେଇ ଦେଲା। ବିବାହିତ ଝିଅ ବାପଘର କଥାରେ ମୁଣ୍ଡ ଖେଳେଇବା ଦରକାର ନାହିଁ,ଆମେ ଆମ କଥା ବୁଝିବୁ । ସେଇଦିନ ତାଙ୍କ ଦୁହିଁଙ୍କର ମୁହଁ ଚାହିଁବିନି ବୋଲି କହି ଚାଲି ଆସିଥିଲି । କିନ୍ତୁ ଆଜିର କଥା ନିଆରା। ମନେପଡୁଥିଲା ବୋଉ ର କଥା 'ଯିଏ ଯାହାର, ଅନ୍ଧ ଲଉଡ଼ି ନେଇ ବାହାର' ।ପ୍ରଭାତ ଆଉ ମାନିଙ୍କର ମୁହଁକୁ ଚାହିଁ ରହିଥିଲି ସେମିତି ଯେମିତି ମୁଁ ଯୁଗ ଯୁଗରୁ ତାଙ୍କୁ ଦେଖିନାହିଁ।

# ଶିକ୍ଷା ବ୍ୟବସ୍ଥାରେ ପ୍ରକୃତି ପରିବର୍ତ୍ତନ

**ଡକ୍ଟର ଲକ୍ଷ୍ମଣ ସାହୁ**

ଶିକ୍ଷା ହେଉଛି ଭାରତର ଆଧୁନିକତାର ଧାରାର କେନ୍ଦ୍ର ବିନ୍ଦୁ । ଦୀର୍ଘ ସମୟ ଧରି ଆମ ଶିକ୍ଷା ବ୍ୟବସ୍ଥାରେ ୟୁରୋପୀୟ ଆଧୁନିକତାର ସ୍ପର୍ଶ ଦୃଶ୍ୟମାନ ହେଉଥିଲା । ଦୌଲତ ସିଂ କୋଠାରି ( ୧୯୮୬) ରୁ ପ୍ରଫେସର ଯଶପାଲ (୧୯୯୨) ଓ ବର୍ତ୍ତମାନ ଡ. କସ୍ତୁରୀ ରଙ୍ଗନ୍ (୨୦୨୦ ) ବିଜ୍ଞାନ ଆଧାରରେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ସମସ୍ତଙ୍କ ଦ୍ୱାରା ଅର୍ଥପୂର୍ଣ୍ଣ ପ୍ରୟାସ କରାଯାଇଥିଲା । ସରକାର ଏହି ସୁନାମଧନ୍ୟ ଶିକ୍ଷାବିତ୍‌ଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଶିକ୍ଷା ସଂସ୍କାରକୁ ସେମାନଙ୍କ ସୁବିଧା ଅନୁଯାୟୀ ଗ୍ରହଣ କରିଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥାକୁ ମଜବୁତ୍ କରିବା ତଥା ଦେଶ, ସମୟ ଓ ସମାଜ ପାଇଁ ଉପଯୁକ୍ତ ଭିତ୍ତିଭୂମି ସୁବିଧା ବିକାଶ ପାଇଁ ଧ୍ୟାନ ଦେଇନଥିଲେ । ଏହା ପଛରେ ଏକ ବଡ଼ କାରଣ ହେଉଛି ସମ୍ବଳିତ ନୀତି ନିର୍ମାତା ଓ ଅଭିଜ୍ଞ ରାଜନେତାଙ୍କ ପିଲାମାନେ ଆଉ ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନ ପାଇଁ ନାମ ଲେଖାଇ ନାହାଁନ୍ତି । ବରଂ ସୁସଜ୍ଜିତ ଘରୋଇ ବିଦ୍ୟାଳୟକୁ ଯିବା ଆରମ୍ଭ କରିଛନ୍ତି ।

ଏହି ଦେଶର ଦୁର୍ଭାଗ୍ୟ ଯେ ସରକାରଙ୍କ ପ୍ରାଥମିକତା ଓ ଦେଶର ଲୋକଙ୍କ ଆବଶ୍ୟକତା ମଧ୍ୟରେ ସର୍ବଦା ପାର୍ଥକ୍ୟ ରହିଥାଏ । ସରକାର ସେମାନଙ୍କର ଦାୟିତ୍ୱ ପୂରଣ କରିନାହାଁନ୍ତି । ଗାଁରେ ପ୍ରାଥମିକ ଶିକ୍ଷା ସମାପ୍ତ ହେଲା । ପ୍ରଥମେ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଘରୋଇ ହାତକୁ ହସ୍ତାନ୍ତର କରାଯାଇଥିଲା । ସେଭଳି ବର୍ତ୍ତମାନ ଉଚ୍ଚଶିକ୍ଷା ମଧ୍ୟ ବେସରକାରୀ ହାତକୁ ଅତି ଦ୍ରୁତ ଗତିରେ ହସ୍ତାନ୍ତର ହେବାର ଆଲୋଚନା ହେଉଛି । ପ୍ରାୟ ୫୦ ବର୍ଷ ପୂର୍ବେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବହୁତ ଭଲ ପ୍ରଦର୍ଶନ କରୁଥିଲା । ଏବେ କିନ୍ତୁ ବ୍ୟକ୍ତିଗତ ହାତକୁ ଆସିବା ପରେ ସରକାରୀ ବିଦ୍ୟାଳୟରେ ଥିବା ସାମାଜିକ ଚାପ ଧୀରେ ଧୀରେ ଶେଷ ହେଲା । ଆଜି ଏହି ସରକାରୀ ବିଦ୍ୟାଳୟଗୁଡ଼ିକର ଅବସ୍ଥା କାହା ଠାରେ ଅଛପା ନାହିଁ । ପ୍ରାଥମିକ ଶିକ୍ଷା ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ହାତକୁ ଯାଇଛି ।

ଯଦି ଉଚ୍ଚଶିକ୍ଷା ଲାଭ ପାଇଁ ବେସରକାରୀ ହାତକୁ ଦିଆଯାଏ, ତେବେ ଏହି ସରକାରୀ ଅନୁଷ୍ଠାନଗୁଡ଼ିକ ଉପରେ ଯାହା କିଛି ନୈତିକ ଓ ସାମାଜିକ ଚାପ ମଧ୍ୟ ଶେଷ ହୋଇଯିବ । ଯାହା ଫଳରେ ଆଜିର ପ୍ରାଥମିକ ଶିକ୍ଷା ପରି ଉଚ୍ଚଶିକ୍ଷାର ଅବସ୍ଥା ମଧ୍ୟ ସେପରି ହେବ । ଏହି କାରଣରୁ ଗୁଣାତ୍ମକ ଉଚ୍ଚଶିକ୍ଷା ସାଧାରଣ ଲୋକଙ୍କ ଠାରୁ ବହୁ ଦୂରରେ ରହିଯିବ । ଉଚ୍ଚଶିକ୍ଷା କେବଳ ଉତ୍ସାହିତ ବ୍ୟକ୍ତିଙ୍କ ପାଇଁ ସୀମିତ ରହିବ, ଯେଉଁମାନଙ୍କର ଉଚ୍ଚଶିକ୍ଷା କ୍ରୟ କରିବାର ଆର୍ଥିକ କ୍ଷମତା ଅଛି । ଏଭଳି ଯୁକ୍ତି ସଂପୂର୍ଣ୍ଣ ସଠିକ୍ ଯେ ଉଚ୍ଚଶିକ୍ଷା କେବଳ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ରହିବା ଉଚିତ୍ । କିନ୍ତୁ ଏହି ଦକ୍ଷତା ଅର୍ଥନୈତିକ କିମ୍ବା ସାମାଜିକ ନୁହେଁ ବରଂ ବୌଦ୍ଧିକ ହେବା ଉଚିତ୍ । ଏହି ବୌଦ୍ଧିକ ଦକ୍ଷତା ହାସଲ କରିବା ପାଇଁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରାଯିବା ଉଚିତ୍ । ଯାହା ବି ନୀତି ହେଉ, ଏହାର କିଛି ଯୁକ୍ତିଯୁକ୍ତ ତର୍କ ଅଛି ।

ବହୁତ ଭଲ ପ୍ରସ୍ତାବ ମଧ୍ୟ ଅଛି, କିନ୍ତୁ ଆମକୁ ଏହାକୁ ସମୁଦାୟ ଭାବରେ ଦେଖିବା ଆବଶ୍ୟକ । କହିବାକୁ ଗଲେ ଗତ କିଛି ବର୍ଷ ମଧ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ପାଠ୍ୟକ୍ରମରେ ସରକାରୀ ହସ୍ତକ୍ଷେପ ବୃଦ୍ଧି ପାଇବାରେ ଲାଗିଛି । ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାଧୀନତା ବିଶେଷକରି ବିଶ୍ୱବିଦ୍ୟାଳୟ ଗୁଡ଼ିକ, କିଛିରେ ସୀମିତ ନୁହେଁ । ଅଧିବେଶନକୁ ନିୟମିତ କରିବା ପାଇଁ ଅନୁଷ୍ଠାନଗୁଡ଼ିକ ଉପରେ ସରକାରଙ୍କ ଉପରେ ଚାପ ରହିଛି । ଏହି କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନର ଅବଧି ହ୍ରାସ ପାଇବାରେ ଲାଗିଛି । ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପ ଅତ୍ୟଧିକ ହେବାରେ ଲାଗିଛି । ବିଶ୍ୱବିଦ୍ୟାଳୟ ଗଠନରେ ଗଣତାନ୍ତ୍ରିକ ସ୍ଥାନ ହ୍ରାସ ପାଉଛି । ବାସ୍ତବରେ ନୂତନ ତର୍କବିତର୍କ ଓ ସଂଳାପ ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଏକ ବଡ଼ ପ୍ଲାଟଫର୍ମ । ବିତର୍କ, ବିତର୍କ ଦ୍ୱାରା ଜଣଙ୍କର ମତ ପ୍ରକାଶ କରିବାର ସ୍ୱାଧୀନତା ରହିବା ଉଚିତ୍ । ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଗତ ପରିବେଶ ଏପରି ହେବା ଉଚିତ୍ ଯେ ସମସ୍ତ ପରିବାରର ପିଲାମାନେ - ଗ୍ରାମାଞ୍ଚଳରେ ଥିବା ଗରିବ, କୃଷକ-ଶ୍ରମିକ, ହିନ୍ଦୁ-ମୁସଲମାନ, ଦଳିତ-ଆଦିବାସୀ - ଦେଶର ବିକାଶର ମୁଖ୍ୟ ସ୍ରୋତରେ ଯେମିତି ଯୋଗଦାନ କରିବାର ସୁଯୋଗ ପାଇବେ ।

ଦୁର୍ଭାଗ୍ୟବଶତଃ ଶିକ୍ଷା ସହିତ କୌଣସି ପ୍ରତ୍ୟକ୍ଷ ସଂଯୋଗ ନଥିବା ଅଧିକାଂଶ ଲୋକ ଶିକ୍ଷା କ୍ଷେତ୍ର ଗ୍ରହଣ କରିଛନ୍ତି । ଏବେ ଶିକ୍ଷାନୁଷ୍ଠାନଗୁଡ଼ିକ ଧନ୍ଦାମୂଳକ କେନ୍ଦ୍ରରେ ପରିଣତ ହୋଇଛି । ଅଧିକାଂଶ ଅନୁଷ୍ଠାନର ମୁଖ୍ୟମାନେ (ଏହି କିମ୍ବା ସେହି) ରାଜନୈତିକ ଦଳର ପ୍ରଭାବରୁ ସ୍ୱାଧୀନ ହେବାକୁ ସକ୍ଷମ ନୁହଁନ୍ତି । କିଛି ଲୋକ ସେମାନଙ୍କର ଆଚରଣ ପାଇଁ ଗର୍ବ ଅନୁଭବ କରନ୍ତି । ଯେତେବେଳେ ସେମାନେ ଏହା ଅନୁଭବ କରିପାରନ୍ତି ନାହିଁ ସେତେବେଳେ ସେମାନଙ୍କର ଅନୁଭବ ଅହଂକାରର ରୂପ ନେଇଥାଏ । ସେମାନେ ଏହି ଅହଂକାରରେ ବୁଡ଼ି ରହି ଭାରତର ଯୁବ ପିଢିଙ୍କ ଭବିଷ୍ୟତ ସ୍ଥିର କରୁଛନ୍ତି ।

ଅବ୍ରହାମ ଲିଙ୍କନ୍ ଏକଦା କହିଥିଲେ ଯେ 'ଜଣେ ରାଜନେତା ଆଗାମୀ ନିର୍ବାଚନ ବିଷୟରେ ଚିନ୍ତା କରୁଥିବାବେଳେ ଜଣେ ରାଜ୍ୟ ନିର୍ମାତା କର୍ମୀ ପରବର୍ତ୍ତୀ ପିଢି ବିଷୟରେ ଚିନ୍ତା କରନ୍ତି ।'ପ୍ରଫେସର ଯଶପାଲଙ୍କ ମତାନୁଯାୟୀ, 'ଶିକ୍ଷା ହିଁ କଥାବାର୍ତ୍ତାର ଅର୍ଥ ଆଣିଥାଏ' । ଯେତେବେଳେ ତୁମେ ଶିକ୍ଷା ପାଇବା ପରେ ଶିକ୍ଷାନୁଷ୍ଠାନ ଛାଡିବ, ବୁଦ୍ଧିର ସଙ୍ଗୀତ ତୁମ ଭିତରେ ଖେଳିବା ଉଚିତ୍ । ଏହା ଯାହାର ସରକାର ହେଉନା କାହିଁକି, ଛାତ୍ରଙ୍କ କାର୍ଯ୍ୟ ହେଉଛି ପ୍ରଶ୍ନ ପଚାରିବା, ତର୍କ ସହିତ ବିତର୍କ କରିବା, ତାଙ୍କ ମତାମତକୁ ସହଜରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ଓ ଅନ୍ୟମାନଙ୍କ କଥାକୁ ସଂଯମତାର ସହ ଶୁଣିବା ପରେ ତାଙ୍କ ମତାମତ ଦେବା ।

ଏହା ସବୁଠାରୁ ଅତ୍ୟନ୍ତ ଦୁଃଖର ବିଷୟ ଯେ ଆଜି ଶିକ୍ଷକ କଥା କହିବା ବନ୍ଦ କରି ଦେଇଛନ୍ତି । ସେମାନେ ଶିକ୍ଷା ପଦ୍ଧତି (ସିଷ୍ଟମ) ବିରୋଧରେ ଲେଖିବା ବନ୍ଦ କରି ଦେଇଛନ୍ତି । ସେ ରାଜନେତାଙ୍କ ଚାଲିସା ଲେଖୁଛନ୍ତି । ବୈଜ୍ଞାନିକ ଗବେଷଣା , ଚିନ୍ତାଧାରା ବା ଅନୁସନ୍ଧାନ ପ୍ରକୃତି ଓ ଉନ୍ନତିକୁ ପ୍ରୋତ୍ସାହିତ କରେ । ଚତୁର, ବିକୃତ ମାନସିକତାର ପିତୃପୁରୁଷ ଚିନ୍ତାଧାରା ବୈଜ୍ଞାନିକ ଶକ୍ତି ଓ ଯୁକ୍ତିଯୁକ୍ତତା ଠାରୁ ଅଧିକ ମନେହୁଏ । ଯଦିଓ ଜଣେ ଯୁକ୍ତିଯୁକ୍ତ ବ୍ୟକ୍ତି ପ୍ରତିରୋଧର କିଛି ସ୍ୱର ଉତ୍ତୋଳନ କରିବାକୁ ଚେଷ୍ଟା କରେ, ବିଶ୍ୱାସ ନାମରେ ତାଙ୍କ ପାଟି ଚୁପ୍ ହୋଇଯାଏ । ଶ୍ରେଣୀଗୃହରେ ଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ସେମାନଙ୍କର ମୌଳିକ କର୍ତ୍ତବ୍ୟ ବୋଲି ବିବେଚନା କରୁଥିବା ଶିକ୍ଷକଙ୍କ ସଂଖ୍ୟା ଏହିପରି ବହୁ ଗୁଣରେ ହ୍ରାସ ପାଉଛି ।

ଶିକ୍ଷକମାନଙ୍କ ପ୍ରାଥମିକତା ଶ୍ରେଣୀଗୃହରେ ଶିକ୍ଷାଦାନ କରିବା ପରିବର୍ତ୍ତେ ସେମାନଙ୍କର ଏକାଡେମିକ୍ ପ୍ରଦର୍ଶନ ପ୍ରଦର୍ଶନ ସୂଚକାଙ୍କ (ଇଞ୍ଚ ଓ ସ୍କୋର) ସ୍ତର ବୃଦ୍ଧି ଦିଗରେ ଅଧିକ ସମୟ ବିତାଉଛନ୍ତି । ବିଶେଷ କରି ଅନୁଷ୍ଠାନର ମୁଖ୍ୟଙ୍କୁ ଖୁସି ରଖିବା କିମ୍ବା ରାଜନୈତିକ ବସ୍ ମାଧ୍ୟମରେ ଅନୁଷ୍ଠାନର ମୁଖ୍ୟଙ୍କ ନିକଟରେ ସେମାନଙ୍କର ପ୍ରବେଶକୁ ଦୃଢ କରିବା ମଧ୍ୟ ଅଧିକାଂଶ ଶିକ୍ଷକଙ୍କ ପ୍ରାଥମିକତା ସ୍ତର ମଧ୍ୟରେ ରହିଛି । ଆଜି ଆମର ଶିକ୍ଷା ବ୍ୟବସ୍ଥା ପରୀକ୍ଷା କେନ୍ଦ୍ରରେ ପରିଣତ ହୋଇଛି । ଶିକ୍ଷା ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରରେ ନାହିଁ । ଛାତ୍ର,-ଛାତ୍ରୀ କ୍ଲାସରୁ ନିଖୋଜ ଅଛନ୍ତି । ଶ୍ରେଣୀ ଗୃହରେ ସେମାନଙ୍କ ଉପସ୍ଥାନ ନାହିଁ । ଯେଉଁ କେତେକ ଉପସ୍ଥିତ ରହନ୍ତି, ଶିକ୍ଷକଙ୍କ ଶିକ୍ଷା ଦାନର ଧୈର୍ଯ୍ୟଚ୍ୟୁତ ଘଟାଇଥାଏ । କହିବାର ଅର୍ଥ ଛାତ୍ରଛାତ୍ରୀ ନଥାଇ ଶିକ୍ଷକ କରିବେ କ'ଣ , ନିଜକୁ କିପରି ଶିକ୍ଷା ଦାନ ପାଇଁ ପ୍ରସ୍ତୁତ କରିବେ ।

ଅନ୍ୟ ପକ୍ଷରେ ବେସରକାରୀ ଘରୋଇ କୋଚିଙ୍ଗ୍ ପ୍ରତି କଟକଣା ନଥିବାରୁ ସରକାରୀ ଶିକ୍ଷାନୁଷ୍ଠାନରେ କେବଳ ମାତ୍ର ନାମ ଲେଖି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ବୃଦ୍ଧି କରାଯାଉଛି କହିଲେ ଚଳେ । ସେମାନେ କେବଳ ପରୀକ୍ଷା ଦେବାକୁ ଯାଉଛନ୍ତି । ପରୀକ୍ଷାରେ ସଫଳତା ପାଇବାକୁ ଛାତ୍ର ଯେ କୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ହୋଇ ଆସୁଛନ୍ତି । ଶିକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଠିକ୍ ସମୟରେ ପରୀକ୍ଷା ସମାପ୍ତ କରିବା ପାଇଁ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଏଜେନ୍ସି ହୋଇପାରିଛନ୍ତି । ଅଧିକାଂଶ ଛାତ୍ର ଯେକୌଣସି ଗୋଟିଏ କ୍ଷେତ୍ରରେ ଆନୁଷ୍ଠାନିକ ଡିଗ୍ରୀ ହାସଲ କରିବାକୁ କଲେଜରେ ନାମ ଲେଖାନ୍ତି । ସେମାନେ କଲେଜ ଯିବା ପରିବର୍ତ୍ତେ କୋଚିଂ ଟ୍ୟୁସନ ପାଇଁ ଯିବାକୁ ଅଧିକ ପସନ୍ଦ କରନ୍ତି ।? ସେହି ଛାତ୍ର-ଛାତ୍ରୀମାନେ, ଯେଉଁମାନଙ୍କର କୋଚିଂ ଫି ପାଇଁ ଟଙ୍କା ନାହିଁ, ସେମାନେ କ୍ଲାସରେ ଯୋଗଦେବାକୁ ବେଳେବେଳେ ମିଛ ବାହାନା ଦେଖାନ୍ତି । ବାସ୍ତବରେ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକ ମଜବୁତ ନହେବା ପର୍ଯ୍ୟନ୍ତ, କେହି କେବେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି କଳ୍ପନା ମଧ୍ୟ କରିପାରିବେ ନାହିଁ । ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁଚିନ୍ତିତ ଭାବେ ଅବମାନନା କରାଯାଇଛି । ଏହି ସବୁ ସ୍ୱୟଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ପରୋକ୍ଷରେ ସେମାନଙ୍କର ବ୍ୟବସାୟ ବଢାଇବାରେ ସାହାଯ୍ୟ କରେ ..!!!

**କଟକ -୪ ସଂପର୍କ: ୯୦୪୦୧୫ ୨୪୭୫**

# ପ୍ରବାସୀ ଭାରତୀୟ ଦିବସ ଓ ବିକଶିତ ଭାରତର ନକ୍ସା

**ଡ଼ଃ.ଅରୁନ୍ଧତୀ ଦେବୀ**

ଅନୁଭବ ଓ ଅନୁଭୂତିର କଥା ବଖାଣିବା ସହ ବିକଶିତ ଭାରତ ତିଆରି ପାଇଁ ନୂତନ ନକ୍ସା ଗଢ଼ିବା ସହ ପ୍ରବାସୀମାନେ ପ୍ରବାସୀ ଭାରତୀୟ ଦିବସରେ ଦିଗଦର୍ଶନ ଦେବାକୁ ଯାଉଛନ୍ତି। ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ଠାରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ସୂଚନାଥାଉକି ୨୦୦୩ ମସିହାରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଭାରତର ବିକାଶ ରଥକୁ ଆଗକୁ ନେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ସହ ଏହି ତିନିଦିନିଆ ସମ୍ମିଳନୀରେ ପାଞ୍ଚଟି ସ୍ୱତନ୍ତ୍ର ବିଷୟକୁ ନେଇ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଦିନ 'ବିଶ୍ୱରେ ପ୍ରବାସୀ ଯୁବ ନେତୃତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଏବଂ ରାଜ୍ୟର ଭବିଷ୍ୟତ ଯୋଜନା ଓ ପ୍ରବାସୀଙ୍କ ସହଯୋଗ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହେବ।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଏହି ଦିବସ ପାଳନର ତାତ୍ପର୍ଯ୍ୟତା କ'ଣ ? ଏଠାରେ ସ୍ମରଣ କରିଦିଆଯାଇପାରେ ଯେ ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଅର୍ଥାତ୍ ଆଜକୁ ୧୧୦ ବର୍ଷ ତଳେ ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିବାରୁ ତାଙ୍କ ସମ୍ମାନ ସ୍ୱରୂପ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ଏହାର ପରିକଳ୍ପନା ହୋଇଥିଲା। ଗତ ୨୦୨୩ରେ ମଧ୍ୟପ୍ରଦେଶରେ ୧୭ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗାମୀ ୨୦୪୭ ମସିହାରେ ସ୍ୱାଧୀନ ଭାରତ ବର୍ଷ ଶତାୟୁସମ୍ପନ୍ନ ହେବ। ଏବଂ ସେହି ଶତାବ୍ଦୀ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ପ୍ରସ୍ତୁତ ଅର୍ଥନୀତିକ ରୋଡ଼ମ୍ୟାପକୁ ସାକାର କରିବା ପାଇଁ ପ୍ରବାସୀ ଭାରତୀୟଙ୍କ ବହୁମୁଖୀ ଯୋଗଦାନର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପ୍ରବାସୀଙ୍କ ପୁଞ୍ଜି ନିବେଶ ଭାରତ ବର୍ଷର ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅବଦାନ। ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଦରିଆପାରିରେ ରହୁଥିବା ଆମ ପ୍ରବାସୀ ଭାଇଭଉଣୀମାନେ ଭାରତ ସରକାର ଓ ଆମ ମାନଙ୍କ ସହ ଯୋଡ଼ି ହେବାପାଇଁ ଏହି ମଞ୍ଚ ବେଶ ବ୍ୟବସ୍ଥିତ ଢ଼ଙ୍ଗରେ ସେତୁ ସ୍ଥାପନ କରିଥାଏ।

ଓଡ଼ିଶାର ଭୁବନେଶ୍ୱରରେ ଏହି ମର୍ଯ୍ୟାଦାଜନକ ସମାରୋହ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୭ ହଜାର ଜଣ ଅତିଥି ଓ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇବା ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି। ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ୧୦ ତାରିଖରେ ଉଦାଜପାନୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଯୋଗ ଦେବେ। ଦ୍ୱିତୀୟ ଅଧିବେଶନରେ ପ୍ରବାସୀଙ୍କ ଦକ୍ଷତା କାହାଣୀ, ତୃତୀୟ ଅଧିବେଶନରେ ସବୁଜ ସଂଯୋଗ, ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଶୀର୍ଷକ ଚର୍ଚ୍ଚା ହେବ।

ଚତୁର୍ଥ ଅଧିବେଶନରେ ପ୍ରବାସୀ ଦିବସ : ମହିଳା ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ଏବଂ ଶେଷ ତଥା ପଞ୍ଚମ ଅଧିବେଶନରେ ସଂସ୍କୃତି, ସଂଯୋଗ ଓ ସମ୍ପୃକ୍ତିର କାହାଣୀ ଶୀର୍ଷକରେ ଆଲୋଚନା ହେବ। ଭାରତ ଏକ ଭୂଗୋଳ ଆବଦ୍ଧ ଆୟତନର କ୍ଷେତ୍ର ନୁହେଁ ଏହା ଏକ ନିରନ୍ତର ଐତିହାସିକ ସଭ୍ୟତା ଯାହା ପ୍ରବାସୀ ଭାରତୀୟଙ୍କ ପ୍ରସଙ୍ଗକୁ ଜୈବିକ ସୂତ୍ରରେ ଗୁନ୍ଥି ରଖିବାରେ ସମର୍ଥ ହୋଇଛି। ମହାନ ଭାରତର ସଂସ୍କୃତି ତଥା ଗଣତନ୍ତ୍ର, ସମ୍ବିଧାନ, ମାନବ ସମ୍ବଳ ଓ ବ୍ୟାପକ ବଜାର ନାନା ପ୍ରକାରର ମନ ପସନ୍ଦର ସୁବିଧା ସୁଯୋଗ ଯୋଗାଇବାରେ ଏକ ଶ୍ରେଷ୍ଠ କ୍ଷେତ୍ର ବୋଲି ସମଗ୍ର ବିଶ୍ୱ ବିଦିତ। ସେହିଭଳି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ପ୍ରବାସୀ ମାନେ ବିକଶିତ ଭାରତର ନକ୍ସା ଆଙ୍କିବେ ଓ ଏହି ବ୍ୟାପକ କାର୍ଯ୍ୟକ୍ରମ ଆବେଗିକ ଓ ପ୍ରୀତି ଡ଼ୋରିକୁ ଆହୁରି ମଜଭୁତ କରିବାର ଏକ ଅପୂର୍ବ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ।

**କଟକ**

# ଶଙ୍ଖ ଦିଏ ମୋକ୍ଷ

**ନିରୁପମା ଭୂୟାଁ**

ଭଗବତ୍ ପୁରାଣ ଅନୁସାରେ, ଶ୍ରୀକୃଷ୍ଣଙ୍କ ଶିକ୍ଷା ଶେଷ ହେବା ପରେ ସେ ଗୁରୁ ସନ୍ଦୀପନିଙ୍କୁ ଦକ୍ଷିଣା ଦେବା ପାଇଁ ଚାହିଁଲେ। ଋଷି ସନ୍ଦୀପନି କହିଲେ, ମୋର ଏକ ପୁତ୍ର ସମୁଦ୍ରରେ ବୁଡ଼ି ରହିଛି, ତାକୁ ତୁମେ ନେଇଆସ। ଏହାପରେ ଶ୍ରୀକୃଷ୍ଣ ତାଙ୍କ ପୁତ୍ରକୁ ଆଣିବା ପାଇଁ ସମୁଦ୍ର ମଧ୍ୟକୁ ଗଲେ। ସେଠାରେ ଶଙ୍ଖାସୁରକୁ ବଧ କରି ଋଷି ସନ୍ଦୀପନିଙ୍କ ପୁତ୍ରକୁ ଉଦ୍ଧାର କରିଥିଲେ ଶ୍ରୀକୃଷ୍ଣ। ବିଶ୍ୱାସ କରାଯାଏ, ଶଙ୍ଖାସୁରର ମୃତ୍ୟୁ ପରେ ଯେଉଁ ଖୋଳ ରହିଯାଇଥିଲା, ସେଥିରେ ସୃଷ୍ଟି ହୋଇଥିଲା ଶଙ୍ଖ। ଏହା ବ୍ୟତୀତ ଗ୍ରନ୍ଥରେ ବର୍ଣ୍ଣନା ହୋଇଛି, ସୃଷ୍ଟିରୁ ଆତ୍ମା, ଆତ୍ମାରୁ ପ୍ରକାଶ, ପ୍ରକାଶରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ନିର୍ମାଣ ବା ଉତ୍ପତ୍ତି ହୋଇଛି। ଏହି ସମସ୍ତ ତତ୍ତ୍ୱ ମିଶି ଶଙ୍ଖର ସୃଷ୍ଟି ହୋଇଛି। ଏହା ବ୍ୟତୀତ ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଶଙ୍ଖ ସୂର୍ଯ୍ୟ ଓ ଚନ୍ଦ୍ରମା ପରି ଦେବସ୍ୱରୂପ। ଏଥିରେ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି। ସୁଖ ସମୃଦ୍ଧି ବଢ଼ାଏ ଶଙ୍ଖ : ବିଶ୍ୱାସ ରହିଛି, ଶଙ୍ଖର ଧ୍ୱନି ବହୁତ ପବିତ୍ର। ଏହାର ଧ୍ୱନିରେ ବହୁ ରୋଗ ଦୂର ହୁଏ। ରାକ୍ଷସ ଓ ଭୂତ ପିଚାଶରୁ ରକ୍ଷା ମିଳିଥାଏ। ଏହାର ଧ୍ୱନିରେ ଦାରିଦ୍ର୍ୟତା ଓ ଦୁଃଖ ଦୂର ହୋଇଥାଏ। ଶଙ୍ଖର ଧ୍ୱନିରେ ଆୟୁ ବୃଦ୍ଧି ହୋଇଥାଏ। ଏହାର ଧ୍ୱନିରେ ବାତାବରଣରେ ଥିବା ଛୋଟ ଛୋଟ କୀଟାଣୁର ମୃତ୍ୟୁ ହୋଇଥାଏ। ଶଙ୍ଖ ତ ଅନେକ ପ୍ରକାରର ରହିଛି। ହେଲେ ବିଶ୍ୱାସ କରାଯାଏ ଯେ ଯଦି ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ନିୟମିତ ଭାବରେ ପୂଜାସ୍ଥଳରେ ବ୍ୟବହାର କରାଯାଏ ତାହାଲେ ଘରେ ସୁଖ ସମୃଦ୍ଧି ବଢ଼ିଥାଏ। ଯଦି ଆପଣଙ୍କର ଧନ ପ୍ରାପ୍ତିର ମାର୍ଗ ବନ୍ଦ ହୋଇଯାଇଥାଏ, ତାହାଲେ ଦକ୍ଷିଣାବର୍ତ୍ତୀ ଶଙ୍ଖକୁ ନିୟମିତ ଭାବରେ ପୂଜା କରନ୍ତୁ। ଅଭୁଦ ଲାଭ ପ୍ରାପ୍ତି ହେବ। ଘରେ ନିୟମିତ ଭାବରେ ଶଙ୍ଖ ସହିତ ତୁଳସୀକୁ ପୂଜା କଲେ ଘରୁ ସମସ୍ତ ସମସ୍ୟା ଯେପରି ରୋଗ, କ୍ଲେଶ, ଅଶାନ୍ତି ଆଦି ଦୂର ହୋଇଯିବ। ଯଦି କୌଣସି ବ୍ୟକ୍ତି କଥା କହିବାରେ ଅସମର୍ଥ ଥାଏ, ଏହି ବାଣୀ ଦୋଷ ଦୂର କରିବା ପାଇଁ ପ୍ରତିଦିନ ଶଙ୍ଖ ବଜାଇବାର ଦରକାର। ଶଙ୍ଖ ବଜାଇବା ଦ୍ୱାରା ବ୍ୟକ୍ତିର ବାଣୀ ଦୋଷ ଦୂର ହୋଇ ସେ କଥା କହିପାରେ। ଏହାସହିତ ଆଜ୍‌ମା, ଶ୍ୱାସନଳୀ ସଂକ୍ରମଣ, ହୃଦ୍‌ରୋଗ ଆଦି ଦୂର ହୋଇଥାଏ। ପୂଜା ଆରମ୍ଭ କରିବା ପୂର୍ବରୁ ଶଙ୍ଖରେ ଜଳ ଭରି କରନ୍ତୁ, ଏଥିରେ ସିନ୍ଦୂର ଓ ଚନ୍ଦନ ଟିକା ଲଗାନ୍ତୁ। ଏହାଦ୍ୱାରା ଶଙ୍ଖରେ ଥିବା ଜଳ ପବିତ୍ର ହୋଇଯାଏ। ଏହାପରେ ଶଙ୍ଖର ଜଳ ସମସ୍ତ ପୂଜା ସାମଗ୍ରୀ ଓ ଉପସ୍ଥିତ ଥିବା ସମସ୍ତ ଲୋକ ଉପରେ ଛିଞ୍ଚନ୍ତୁ। ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା କରନ୍ତୁ : ପୂଜା ପଦ୍ଧତିରେ ଦକ୍ଷିଣାବର୍ତ୍ତୀ ଶଙ୍ଖର ବିଶେଷ ମହତ୍ତ୍ୱ ରହିଛି। ଏହି ଶଙ୍ଖ ଦେବୀ ଲକ୍ଷ୍ମୀଙ୍କ ସ୍ୱରୂପ। ଏହାର ମୁଖ ବନ୍ଦ ଥାଏ। ଏହାକୁ ବଜାଇ ହୁଏ ନାହିଁ। ଏହି ଶଙ୍ଖ ଧନ-ସମ୍ପତ୍ତି, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ। ଏହାକୁ ପୂଜା କରୁଥିବା ବ୍ୟକ୍ତି ସର୍ବଦା ଖୁସିରେ ରହେ। ଅଭାବ ଅନାଟନ ତା ଠୁ ଦୂରେଇଯାଏ। ବ୍ୟବସାୟରେ ଲାଭବାନ ହୁଏ।

ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପନା : ଶୁଦ୍ଧିକରଣ : କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଶୁଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏଣୁ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରିବା ପୂର୍ବରୁ ପ୍ରଥମେ ଶଙ୍ଖକୁ ଶୁଦ୍ଧିକରଣ କରନ୍ତୁ। ଶୁଭଦିନ : ଶଙ୍ଖ ସ୍ଥାପନା କରିବା ପାଇଁ ବୁଧବାର ହେଉଛି ଶୁଭଦିନ। ଏହିଦିନ ଶୁଭ ମୁହୂର୍ତ୍ତରେ ଶଙ୍ଖ ସ୍ଥାପନା କରନ୍ତୁ। ସାମଗ୍ରୀ : ପଞ୍ଚାମୃତ, କ୍ଷୀର, ଗଙ୍ଗାଜଳ, ଧୂପଦୀପ, ଚାନ୍ଦୀର ଆସନ ଓ ଲାଲ କପଡ଼ା ଆଦି ଶଙ୍ଖ ସ୍ଥାପନା ପାଇଁ ଆବଶ୍ୟକ ହୋଇଥାଏ। ବିଧି : ବୁଧବାର ଦିନ ଶୁଭ ମୁହୂର୍ତ୍ତରେ ଗାଧୋଇ ପଞ୍ଚାମୃତରେ ଶଙ୍ଖକୁ ପବିତ୍ର କରନ୍ତୁ। ଏହାପରେ କ୍ଷୀର ଓ ଗଙ୍ଗାଜଳରେ ଶଙ୍ଖକୁ ଧୁଅନ୍ତୁ। ଧୂପଦୀପ ଲଗାଇ ଏହାକୁ ପୂଜା କରନ୍ତୁ। ଏହାପରେ ଚାନ୍ଦି ଆସନ ଉପରେ ଲାଲକପଡ଼ା ବିଛା ଉକ୍ତ ଶଙ୍ଖକୁ ପ୍ରତିଷ୍ଠିତ କରନ୍ତୁ। ଧ୍ୟାନ ରଖନ୍ତୁ ଶଙ୍ଖର ଖୋଲା ଅଂଶ ଉପରକୁ ତଥା ଆକାଶ ଆଡ଼କୁ ରହିବ। ଏବେ ଶଙ୍ଖକୁ ଅକ୍ଷତ ଚାଉଳ ଓ ସିନ୍ଦୂର ଭରିଦିଅନ୍ତୁ। ଏହାସହିତ ଶଙ୍ଖ ଉପରେ ସ୍ୱାସ୍ତିକ ଚିହ୍ନ କରନ୍ତୁ। ଏବେ ଶଙ୍ଖ ଉପରେ ଚନ୍ଦନ, ଫୁଲ ଓ ଧୂପଦୀପ ଦେଇ ପୂଜା କରନ୍ତୁ। ଏହିପରି ଭାବରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରନ୍ତୁ। ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ ହୋଇଗଲା ପରେ ପ୍ରତିଦିନ ନିୟମିତ ଭାବରେ ପୂଜା କରନ୍ତୁ ଓ ଦର୍ଶନ କରନ୍ତୁ। ଯଦି ଶୀଘ୍ର ଫଳ ପ୍ରାପ୍ତି ଚାହୁଁଥାନ୍ତି ତାହାଲେ ଶଙ୍ଖରେ ସ୍ୱଷ୍ଟିକ ମାଳା ଦିଅନ୍ତୁ ଓ ଏହା ସହିତ 'ଓଁ ହ୍ରିଂ ଶ୍ରୀଂ ନମଃ ଶ୍ରୀଧରକରସ୍ଥାୟ, ପୟୋନିଧିଜାତାୟ ଲକ୍ଷ୍ମୀସହୋଦରାୟ ଫଳପ୍ରଦାୟ ଫଳପ୍ରଦାୟ, ଶ୍ରୀ ଦକ୍ଷିଣାବର୍ତ୍ତ ଶଙ୍ଖାୟ ଶ୍ରୀଂ ହ୍ରିଂ ନମଃ'। ଏହି ମନ୍ତ୍ର ଜପ କରନ୍ତୁ। ଏହାର ପ୍ରଭାବରେ ଦାରିଦ୍ର୍ୟତା ଦୂର ହେବ, ଯଶ ଓ କୀର୍ତ୍ତି ବଢ଼ିବ, ସନ୍ତାନ ପ୍ରାପ୍ତି ହେବ ଓ ଶତ୍ରୁ ଭୟ ଦୂର ହେବ।

**କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର**

# ଜରଡ଼ା ଥାନା ଇଲାକାରେ ଜୁଆ ଆଡ୍ଡା




## ପୋଲିସ ର କାର୍ଯ୍ୟ ସନ୍ଦେହ ଘେରରେ

ପାତ୍ରପୁର ୧୩/୧(ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡ଼ା ଥାନା ଇଲାକା ଜୁଆଡ଼ି ଙ୍କ ଭୁସର୍ଗ ପାଲଟିଛି ।ଦୀର୍ଘ ଦିନ ଧରି ଏହି ଇଲାକା ରେ ଜୁଆ ଆଡ୍ଡା ଚାଲି ଅସୁଥିବା ବେଳେ ପୋଲିସ ନଜରକୁ କିଭଳି ଆସୁନି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଶହ ଜରଡ଼ା ଥାନା ପୋଲିସ ର କାର୍ଯ୍ୟ ଦକ୍ଷତା କୁ ପଦାରେ ପକାଉଛି ।ଏଠି ପ୍ରଶ୍ନ ଉଠେ ପୋଲିସ ପାଖରେ ଖବର ନାହିଁ ନା ଖବର ଥାଇ ପୋଲିସ ଜାଣି ଶୁଣି ଚୁପ ରହୁଛି ? ପ୍ରକୃତରେ ପୋଲିସ ଜୁଆଡ଼ି ଙ୍କ ସହ ସଲା ସୁତୁରା ରେ କାର୍ଯ୍ୟ କରୁଥିବା ଅଞ୍ଚଳ ସମେତ ସାଧାରଣରେ ଚର୍ଚ୍ଚା ହେଉଛି । ପୋଲିସ ଜିଲ୍ଲା ଜରଡା ଥାନା ଇଲାକାରେ ଦିନକୁ ଦିନ ବଡ ଧରଣର ଜୁଆ ଆଡ୍ଡା ଜମିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ ସତ୍ୱେ କର୍ଣ୍ଣପାତ କରୁ ନାହାଁନ୍ତି ସ୍ଥାନୀୟ ପୋଲିସ। ଗତ କିଛିଦିନ ଧରି ବିଭିନ୍ନ ଖବରକାଗଜରେ ଖବର ପ୍ରସାରିତ ହେଉଅଛି କିନ୍ତୁ ଜୁଆ ଆଡ୍ଡା ଉପରେ କୌଣସି ପ୍ରକାର ପ୍ରଭାବ ପଡିବାର ନାଁ ଉଠୁନି। ଅନ୍ୟ ପକ୍ଷରେ ଜୁଆ ଆଡ୍ଡା ଚଳାଉଥିବା କିଛି ଖଳ ପ୍ରକୃତିର ଲୋକ ପ୍ରତ୍ୟେକ ଦିନ ସ୍ଥାନ ପରିବର୍ତ୍ତନ କରି ଜୁଆ ଆଡ୍ଡା ଚଳାଉଥିବା ସହିତ ଜରଡା ଥାନା ଠାରୁ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଇଚ୍ଛାପୁର ପୋଲିସ ଥାନା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ପ୍ରତ୍ୟେକ ଛକରେ କିଛି ଦଲାଲ ମାନଙ୍କୁ ନିୟୋଜିତ କରିବା ସହ ଉଭୟ ରାଜ୍ୟର ପୋଲିସ ଗତିବିଧି ଉପରେ କଡା ନଜର ରଖିଥିବା ଦେଖିବାକୁ ମିଳିଛି। ଜରଡା ଥାନା ଇଲାକାରେ ଗତ କିଛିଦିନ ଧରି ବଡ଼ ଧରଣର ଜୁଆ ଆଡ୍ଡା ଜମାଇବା ସହ ଅତ୍ୟାଧୁନିକ ପଦ୍ଧତିରେ ତଥା ହ୍ୱାଟସ୍ ଆପ୍ ମାଧମରେ ବିଭିନ୍ନ ଅଞ୍ଚଳର ଜୁଆଡି ମାନଙ୍କୁ ଜୁଆ ଆଡ୍ଡାର ସ୍ଥାନ ଓ ସମୟ ବିଷୟରେ ସୂଚନା ପ୍ରଦାନ କରାଯାଉଥିବା ଜଣାପଡିଛି। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଇଚ୍ଛାପୁର ଥାନା,କାଞ୍ଚିଲି ଥାନା ଓ ଜରଡା ଥାନା ଅଞ୍ଚଳରୁ ବହୁ ଜୁଆଡି ଗୋଷ୍ଠୀ ଗଳା ବାଟ ଦେଇ ଦାମିକିଆ କାର ଓ ମୋଟର ସାଇକେଲ ମାନଙ୍କରେ ଆସି ଜୁଆ ଆଡ୍ଡାରେ ପହଞ୍ଚି ଜୁଆ ଖେଳୁଥିବା ଦେଖିବାକୁ ମିଳିଛି ।ତେବେ ଏହି ଜୁଆ ଆଡ୍ଡା ଦୀର୍ଘ ମାସ ଧରୀ ବ୍ରହ୍ମପୁର ଅଞ୍ଚଳ ର ଜଣେ ପ୍ରଭାବଶାଳୀ ମହିଳା ଙ୍କ ସହଯୋଗ ରେ ଜରଡ଼ା ଥାନା ଇଲାକାର କିଛି ରୀତିମତ ଯୁଆଡ଼ି ଏହି ଜୁଆ ଆଡ୍ଡା ଚଳାଇ ଥିବା ଶୁଣିବାକୁ ମିଳୁଛି ।ପୂର୍ବରୁ ଏହି ଜୁଆ ଆଡ୍ଡା ଖମ୍ବାରି ଗାଁ ପଞ୍ଚାୟତ ଅନ୍ତରସିଙ୍ଗି ରେ ଚାଲୁଥିବା ବେଳେ ଏନେଇ ଖବର ପ୍ରସାରଣ ପରେ ଉକ୍ତ ଜୁଆ ଆଡ୍ଡା ଜୟନ୍ତପୁର ଆମ୍ବଗାଁ ମଧ୍ୟରେ ରହିଥିବା ଆମ୍ବ ତୋଟା ରେ ଚାଲିଲା ।ଏହି ଖବର ମଧ୍ୟ ପ୍ରସାରଣ ପରେ ଯୁଆଡ଼ି ପୁଣି ସ୍ଥାନ ପରିବର୍ତ୍ତନ କରି ଖମ୍ବାରି ଗାଁ ପଞ୍ଚାୟତ ଖଣ୍ଡ ଦେଉଳି ନିକଟ ଏକ ନାଳ ନିକଟ କୁ ଘୁଞ୍ଚାଇ ଆଡ୍ଡା ଚଳାଇଥିବା ଶୁଣିବାକୁ ମିଳିଛି ।ଜୁଆଡ଼ିଙ୍କୁ ପୋଲିସ ସହଯୋଗ କରୁଥିବା ଶୁଣିବାକୁ ମିଳୁଛି । ତେବେ ଏହି ଆଡ୍ଡା କୁ ଚଳାଉ ଥୁବା କିଛି ଯୁଆଡ଼ି କୁଆଡ଼େ ବଡବଡିଆ ଙ୍କ ସହଯୋଗ ରେ କିଛି ପୋଲିସ ଅଫିସର ଙ୍କୁ ପ୍ରତି ମାସରେ ମଟା ଅଙ୍କର କିଛି ହାତଗୁଞ୍ଜା ପ୍ରଦାନ କରି ଆଡ୍ଡା ଚଳାଉ ଥୁବା ଶୁଣିବାକୁ ମିଳୁଥିବା ବେଳେ ସାଧାରଣ ଲୋକେ ପାଟି ଖୋଲିବାକୁ ଭୟ କରୁଛନ୍ତି ।ଏଣୁ ବ୍ରହ୍ମପୁର ପୋଲିସ ଜିଲ୍ଲା ଆରକ୍ଷୀ ପୋଲିସ ଅଧିକାରୀ ନିଜସ୍ୱ ଏକ ଟିମ ଗଠନ କରି ଜୁଆ ଅଡ୍ଡା ଉପରେ ଚଢ଼ାଉ କରି ମୁଖ୍ୟ ଜୁଆଡ଼ି ମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଖେଳ ବନ୍ଦ କଲେ ଅନେକ ଉଜୁଡା ସଂସାର ରେ ହସ ଫେରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ମଦଭାଟି ଭାଙ୍ଗିଲା ପୁଲିସ

ପାଟଣା ୧୩/୧(ନି.ପ୍ର): ପାଟଣା ଥାନା ପୁଲିସ ପକ୍ଷରୁ ଆଜି ଏହି ଥାନା ଅଞ୍ଚଳ ବନବୀର ନଦୀକୂଳ ଇଲାକାରେ ଚାଲିଥିବା ଚୋରା ମଦଭାଟି ଉପରେ ଚଢ଼ାଉ କରାଯାଇଥିଲା। ୩ ଟି ମଦଭାଟି ପୁଲିସ ଭାଙ୍ଗିବା ସହ ୧୩ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଛି ପୁଲିସ।ମଦଭାଟି ରେ ଚଢ଼ାଉ ପୂର୍ବରୁ ମାଫିଆ ମାନେ ଫେରାର ହୋଇ ଯାଇଥିବା ବେଳେ ସେଠାରୁ ମଦରନ୍ଧା ସରଞ୍ଜାମ ଗୁଡିକ ଜବଦ କରାଯାଇଛି।ଥାନାଧିକାରୀ ମାନସ କୁମାର ମହାକୁଡ଼,ଏ ଏସ ଆଇ ପଞ୍ଚମୀ ମହାନ୍ତ ଓ ଧନେଶ୍ୱର ପାତ୍ର ପ୍ରମୁଖ ପୁଲିସ କର୍ମଚାରୀ ମାନେ ଚଢ଼ାଉ ରେ ସାମିଲ ଥିଲେ।

## କୁଲୁଣ୍ଡା ଖେଳ ପଡିଆରେ ସଂକ୍ରାନ୍ତି କପ ୨୦୨୫ ଉଦଘାଟିତ,ଯୋଗଦେଲେ ବିଧାୟକ

ଅତାବିରା ୧୩/୧(ନି.ପ୍ର): ଆଜି ରବିବାର ଅପରାହ୍ନ ୨ଟାରେ ଅତାବିରା ବ୍ଲକ ଅଧିନ କୁଲୁଣ୍ଡା ଖେଳପଡିଆରେ କୋଶଳ ଆନ୍ଧ୍ର ୱେଲଫାୟାର ଏସୋସିଏସନ ତରଫରୁ ଆୟୋଜିତ ନବମ ସଂକ୍ରାନ୍ତି କ୍ରିକେଟ କପ ୨୦୨୫ ଉଦଘାଟିତ ହୋଇଯାଇଛି ।ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟଟି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟକ ନିହାରରଂଜନ ମହାନନ୍ଦ,ସମ୍ମାନୀତ ଅତିଥି ଭାବେ ଏନଏସି ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ,ବିକାସ ସ୍କୁଲର ପରିଚାଳକ ଡି ମୁରଲୀକ୍ରିଷ୍ଣା,ସମାଜସେବୀ ନରସିଂହ ମୂର୍ତି ଯୋଗଦାନ କରି ଉଦଘାଟନ କରି ଖେଲାଳି ମାନକୁଂ ଉତ୍ସାହିତ କରିଥିଲେ ।

## କୁଳମଣୀ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀଙ୍କ ବନ୍ଧୁ ମିଳନ

କଣାସ ୧୩/୧(ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ କଣାସ ବ୍ଲକ ବଡାଲ ପଞ୍ଚାୟତ କୁଳମଣୀ କ୍ଲଷ୍ଟରର ସି.ଆର.ସି.ସି ବିଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି ।ରବିବାର ଦିନ ଭୂଷଣ୍ଡପୁର ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା ଉଗ୍ରତରା (ତାରାଦେଇ) ମନ୍ଦିର ପରିସରରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମୂହ ଏକତ୍ରିତ ହୋଇ ଏକ ବଂଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥିଭାବେ କଣାସ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ପୂର୍ବତନ ସହ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା,ଜାଗୁଳାଇପଦର କ୍ଲଷ୍ଟର ସିଆରସିସି ରାମ ଚନ୍ଦ୍ର ସାହୁ, ଆକାଉଣ୍ଟାଣ୍ଟ ମାନସ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଶିକ୍ଷୟତ୍ରୀମାନେ ନିଜ ସ୍କୁଲ କର୍ମମୟ ଜଞ୍ଜାଳ  ମଧ୍ୟରୁ କିଛି ସମୟ ବାହାର କରି ଏକତ୍ରିତ ହୋଇଥିବାରୁ ସମସ୍ତେ ଖୁସି ପ୍ରକଟ କରିଥିଲେ ।ଆସନ୍ତା ବର୍ଷକୁ କିଭଳି ଓ କେଉଁ ସ୍ଥାନକୁ ଯାଇ ବନ୍ଧୁ ମିଳନ ପର୍ବ କରାଯିବ ସେ ସମ୍ପର୍କରେ ସମସ୍ତ ଶିକ୍ଷକ ମତାମତ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ କୁଳମଣୀ ନୋଡାଲ ବିଦ୍ୟାପୀଠ,ଦୋଛିଆଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଳିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ଆଡାଲ ପ୍ରାଥମିକ ବିଦ୍ୟାଳୟ, ହରିପୁର ପ୍ରାଥମିକ ବିଦ୍ୟାଳୟ,ଉତ୍ତର ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଓଗାଳପୁର ପ୍ରାଥମିକ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିବା ବେଳେ ଶିକ୍ଷକ ସତ୍ୟପିର ବେହେରା,ବନମାଳୀ ସେଠୀ,ଦିଲ୍ଲୀପ ଖଣ୍ଡୟତରାୟ,ଦିବାକର ବେହେରା ଓ ଯଜ୍ଞ ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# କର୍ଲାମୁଣ୍ଡା ପ୍ରେସ କ୍ଲବର ୨୭ତମ ବାର୍ଷିକ ଉତ୍ସବ ପାଳିତ ୨୦୨୫

## ରୋହିତ ବିଶ୍ୱାଳ ସ୍ମାରକୀ ସାମ୍ବାଦିକତା ସମ୍ମାନରେ ସମ୍ମାନୀତ ହେଲେ ଓଟିଭି ସାମ୍ବାଦିକ ରାଜକୁମାର ସିଂଦେଓ

ଭବାନୀପାଟଣା ୧୩/୧(ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜ ଠାରେ କର୍ଲାମୁଣ୍ଡା ପ୍ରେସ କ୍ଲବର ୨୭ ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଆୟୋଜିତ ସଭା କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଗଦାଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବିଡ଼ିଓ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରୀଆ, ରିଷିଡା ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ପ୍ରେସ କ୍ଲବ ଉପଦେଷ୍ଟା କମ୍ବୁପାଣି ସାହୁ ପ୍ରମୁଖ ଯୋଗ ଦେଇ ସୁସ୍ଥ ସମାଜ ଗଠନ ରେ ଗଣ ମାଧ୍ୟମ ର ଭୂମିକା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରାଜୀବ ଲୋଚନ ସ୍ମାରକୀ ସାମ୍ବାଦିକତା ସମ୍ମାନ ରେ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସୁରେଶ ଅଗ୍ରୱାଲ, ରୋହିତ ବିଶ୍ୱାଳ ସ୍ମାରକୀ ସାମ୍ବାଦିକତା ସମ୍ମାନ ରେ ଓଟିଭି ସାମ୍ବାଦିକ ରାଜକୁମାର ସିଂଦେଓ ଙ୍କୁ ଓ ଜଗଦୀଶ ନାଏକ ସ୍ମାରକୀ ସାମ୍ବାଦିକତା ସମ୍ମାନ ରେ କେସିଙ୍ଗା ବ୍ଲକ ସାମ୍ବାଦିକ ଯଯାତି କିଶୋର ଦେଓ ଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ କଲେଜ ପକ୍ଷରୁ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମିଡିଆ ଦ ଫୋର୍ଥ ପିଲର ଅଫ ଡେମୋକ୍ରେସି ଏ କ୍ରିଟିକାଲ ଅନାଲିସିସ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବ ସମ୍ପାଦକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ପ୍ରେସ କ୍ଲବ ର ସଭ୍ୟ ସତ୍ୟ ନାରାୟଣ କୁମାର, ଭଜଶ୍ୟାମ ସାହୁ, ସୁଶାନ୍ତ କୁମାର ମଲ୍ଲିକ, ସତ୍ୟ ବ୍ରତ ବଗର୍ତ୍ତି, ବବୁଲୁ ଦଣ୍ଡସେନା, ତ୍ରିସଙ୍କ ରଣା, ଲିପୁ ସେଠ ଓ ଜଗନ୍ନାଥ ଡିଗ୍ରୀ କଲେଜ ର ଅଧ୍ୟାପକ ହିରୋଜ କୁମାର ଚାନ୍ଦ, ଶରତ କୁମାର ସାହୁ, ଘନଶ୍ୟାମ ସାହୁ ଓ କ୍ରୀଡ଼ା ଶିକ୍ଷକ ଲଳିତ କୁମାର ସାହୁ, କଲେଜ କର୍ମଚାରୀ ନବୀନ ରଣା, ମକୁନ୍ଦ ରଣା, ଶ୍ୱି ପ୍ରସାଦ ରଣା, ଭଗବାନ ରଣା, ମିଥିଲା ରଣା ତଥା ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।




## ପାଟଣା ଭାରତୀୟ ଜନତା ପାର୍ଟିର ବନ୍ଧୁ ମିଳନ

ପାଟଣା ୧୩/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ପାଟନାଳୀ ଗ୍ରାମ ନିକଟସ୍ଥ ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଭାରତୀୟ ଜନତା ପାର୍ଟିର ବନ୍ଧୁ ମିଳନ କାର୍ଯ୍ୟକ୍ରର୍ମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ମଣ୍ଡଳର କାର୍ଯ୍ୟକର୍ତ୍ତା ମାନଙ୍କୁ ଉଦବୋଧନ ଦେବା ସହ ସଂଗଠନକୁ ସୁଦୃଢ କରିବା ପାଇଁ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ମାନେ କୌଣସି ପ୍ରକାର ନିଜ ନିଜ ଭିତରେ ଦ୍ୱନ୍ଦ ନରଖି ପରସ୍ପର ମିଳିମିଶି ସଂଗଠନ ର କାର୍ଯ୍ୟ କରିବା ପାଇଁ ବିଧାୟକ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ସଂଗଠନକୁ ମଜବୁତ କରିବା ପାଇଁ ନିର୍ବାଚନ ମଣ୍ଡଳୀ ର ପ୍ରତେକ ପଞ୍ଚାୟତରେ ଶେଷ ଦିନ ପଞ୍ଚାୟତ ସ୍ତରୀୟ ବୈଠକ ବସିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ମାସିକ ବୈଠକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତେକ ପଞ୍ଚାୟତର ବରିଷ୍ଟ କାର୍ଯ୍ୟକର୍ତ୍ତା ତିନି ଜଣଙ୍କୁ ଚୟନ କରାଯାଇଥିଲା।

## ୨୦୨୨ ପରେ ୨୦୨୫ ରେ ମୁଖ୍ୟମନ୍ତ୍ରୀ ବୈତରଣୀ ରେ ବୁଡ଼ ମାରିବେ



ପାଟଣା ୧୩/୧(ନି.ପ୍ର):: ଗଙ୍ଗାରେ ବୁଡ଼ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚର୍ଚ୍ଚାରେ ରହୁଥିବା ବେଳେ ମୋଦୀ ଙ୍କ ଆଧ୍ୟାତ୍ମିକ ଚେତନା କୁ ଦେଶର ଅଧିକାଂଶ ସାଧୁ ସନ୍ଥ ଏହାକୁ ପ୍ରଶଂସା କରି ଆସିଛନ୍ତି। ବ୍ୟକ୍ତିଗତ ଇଚ୍ଛା ହେଉ କି ପ୍ରଧାନମନ୍ତ୍ରୀ ଙ୍କ ପ୍ରଭାବ ହେଉ ଏହି ଶୈଳୀ ରେ ୨୦୨୨ ଜାନୁଆରୀ ୧୪ ରେ ତତ୍କାଳୀନ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ପାଟଣା ବୈତରଣୀ ତଟ ଅନସୁୟା ଘାଟରେ ବୈତରଣୀ ରେ ବୁଡ଼ ପକାଇ ସୂର୍ଯ୍ୟ ଉପାସନା ପରେ ତଟ ସଂଲଗ୍ନ ପରେମଶ୍ୱର ଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ସେତେବେଳେ ସେ ବିଶ୍ୱବାସି ଙ୍କ ର ମଙ୍ଗଳ କାମନା କରିଥିବା ପ୍ରକାଶ କରିଥିଲେ। ୨୦୨୨ ପରେ ଏବେ ମୁଖ୍ୟମନ୍ତ୍ରୀ ପଦ ରେ ଥିବା ସଦର ବିଧାୟକ ଶ୍ରୀ ମାଝୀ ଚଳିତ ମାସ ୧୪ ତାରିଖ ମକର ରେ ପାଟଣା ରେ ବୈତରଣୀ ରେ ବୁଡ଼ ଦେବା ଚର୍ଚ୍ଚା ବଢ଼ିଛି। ଆଜି ଡି ଆଇ ବି ଅତିରିକ୍ତ ଏସ ପି ଜେ ଭୁକ୍ତା , ଘଟଗାଁ ଏସ ଡି ପି ଓ ପ୍ରଭାତ କୁମାର ତ୍ରିପାଠୀ ,ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼ ସଦଳବଳେ ପାଟଣା ଅନସୁୟା ଘାଟ ଓ ବୈତରଣୀ ପୋଲ ପରିଦର୍ଶନ କରିବା ପରେ ଏହି ଚର୍ଚ୍ଚା ବଢ଼ିଛି।

## ପାତ୍ରତନ୍ତୀ କଲ୍ୟାଣ ସମିତି ର କମ୍ବଳ ବଣ୍ଟନ

ପାଟଣା ୧୩/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଅନ୍ତର୍ଗତ ଦାମାହୁଦା ହାଟ ପଡ଼ିଆ ଠାରେ ନିଖୀଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛିଯାଇଛି । ଡାଳପକା ଓ ଦାମାହୁଦା ପଞ୍ଚାୟତର କୁଦପ୍ରେଡା,ନ୍ୱୀର ,ବେଲସରେଇ,ଗୋଜାପଥର ଗାଁ ରୁ ବହୁ ଲୋକ ଏଥିରେ ଯୋଗଦାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ନିଖୀଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତି କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲାର ଆବାହକ ଜଗମୋହନ ଦାସ ଯୋଗ ଦେଇଥିଲେ ଏବଂ ସାହାରପଡା ବ୍ଲକ ର ପାତ୍ରତନ୍ତୀ କଲ୍ୟାଣ ସମିତି ର ସଭାପତି କୀର୍ତ୍ତନ ପାତ୍ର , ଉପ ସଭାପତି ଅର୍ଜ୍ଜୁନ ପାତ୍ର ,କୋଷାଧ୍ୟକ୍ଷ ସୁଶାନ୍ତ ପାତ୍ର, ସଂଯୋଜକ ସମ୍ପାଦକ ଯତିନ୍ଦ୍ର ପାତ୍ର ଏବଂ କରଞ୍ଜିଆ ସମିତି ସହ ସମ୍ପାଦକ ତ୍ରିଲୋଚନ ପାତ୍ର ଙ୍କ ଉପସ୍ଥିତି ରେ ଅନେକ ବୃଦ୍ଧ ବୃଦ୍ଧା ଲୋକମାନଙ୍କୁ ଶୀତ କମ୍ବଳ ବସ୍ତ୍ର ଦିଆଯାଇଥିଲା। ନିଜ ଜାତିର କେମିତି ଉନ୍ନତି ହେବ, ଶିକ୍ଷା,ଓ କୁସଂସ୍କାର କିପରି ଦୂର କରିବାକୁ ହେବ ତାହା ବିଷୟରେ ଉଦବୋଧନ ଦିଆଯାଇଥିଲା । ଶେଷରେ ଯତିନ୍ଦ୍ର ପାତ୍ର ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ନବରଙ୍ଗପୁର ମହା ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ




ନବରଙ୍ଗପୁର ୧୩/୧(ନି.ପ୍ର): ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ପକ୍ଷରୁ ସ୍ମାର୍ଟ୍ ଶ୍ରେଣୀ ଗୃହରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଡି. ଗୋବିନ୍ଦା ରାଓ ଙ୍କ ସଭାପତିତ୍ୱରେ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଶ୍ରୀମତି ସଙ୍ଗୀତା ତ୍ରିପାଠୀ, ଯୁବ ରେଡକ୍ରସ ର ଜିଲ୍ଲା ସମ୍ପାଦକ ଶ୍ରୀ ଦିଲ୍ଲୀପ କୁମାର ହୋତାଙ୍କ ଆତିଥ୍ୟ ରେ ଏହି ଉତ୍ସବ ପାଳନ କରାଯାଇଥିଲା । ଅଧ୍ୟକ୍ଷ ସ୍ୱାଗତ ଅଭିଭାଷଣ ଦେଇ ଯୁବ ଦିବସର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ଦିବସ ପାଳନ ପୂର୍ବକ ପ୍ରତିଯୋଗିତା ଗୁଡ଼ିକରେ ବହୁଳ ଭାବରେ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କଲେ ସେମାନଙ୍କର ଜ୍ଞାନ ବୃଦ୍ଧି ହେବାସହ ବୌଦ୍ଧିକ ବିକାଶ ରେ ସହାୟକ ହେବ ବୋଲି ଅଧ୍ୟକ୍ଷ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଶ୍ରୀ ଶମ୍ଭୁ ପ୍ରସାଦ ହୋତା ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କର ନୀତି ଆଦର୍ଶକୁ ଅନୁସରଣ କରି ଯୁବପିଢି ଦେଶ ମାତୃକାର ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଜିଲ୍ଲା ରେଡକ୍ରସ୍ ଆବାହକ ଶ୍ରୀ ଦିଲୀପ କୁମାର ହୋତା ସ୍ୱାମୀ ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱ ଓ ସମାଜ ପ୍ରତି ଥିବା ଅବଦାନ ସଂପର୍କରେ କହିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ସ୍ୱାମୀ ବିବେକାନନ୍ଦ ଓ ଯୁବ ସମାଜ' ଉପରେ ପ୍ରବନ୍ଧ ରଚନା, ଚିତ୍ର କଳା ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ଅଶ୍ୱିନୀ ବେହେରା, ଅଧ୍ୟାପିକା ନିର୍ମଳା ହାିକକା, ଅଧ୍ୟାପିକା ରଜନୀ ମିଞ୍ଜ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ହରିଶ୍ ଚନ୍ଦ୍ର ଶବର ବିଚାରକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁ ପ୍ରାସାଦ ହୋତା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଛାତ୍ର ଛାତ୍ରୀ ସ୍ୱାମୀଜୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଏକ ବିକଶିତ ଭାରତ ତଥା ସଶକ୍ତ ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ ବୋଲି ବକ୍ତା ମାନେ ଆହ୍ୱାନ ଦେଇଥିଲେ।

# ବାଉଁଶୂଳୀ ପ୍ରୀମିୟର ନକ୍ଆଉଟ୍ କ୍ରିକେଟ ଉଦଯାପିତ

ପାଟଣା ୧୩/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୂଳୀ ଗ୍ରାମର ବାଉଁଶୂଳୀ କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ବାଉଁଶୂଳୀ ପ୍ରୀମିୟର ନକ୍ଆଉଟ୍ ଟୁର୍ଣ୍ଣାମେଣ୍ଟ୍ ଗତକାଲି ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଚଢ଼େଇଭୋଳ ଏକାଦଶ ଓ ଅମନ ଏକାଦଶ କଇଁସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ?। ଫାଇନାଲ ମ୍ୟାଚ ରେ ଚଢେଇଭୋଳ ପ୍ରଥମେ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇ ଅମନ୍ ଏକାଦଶ କଇଁସକୁ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲା ?। ଅମନ୍ ଏକାଦଶ କଇଁସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ କରିବାକୁ ସକ୍ଷମ ହୋଇଥିଲା ।ଦଳ ପକ୍ଷରୁ ନିତୁନୁ ସର୍ବାଧିକ ୨୧ ବଲରୁ ୫୩ ରନ୍ ସଂଗ୍ରହ କରିଥିଲେ । ୧୧୫ରନ୍ ର ବିଜୟ ଲକ୍ଷ ନେଇ ଚଢ଼େଇଭୋଳ ଏକାଦଶ ପଡିଆକୁ ଓହ୍ଲାଇଥିଲା । ନିର୍ଦ୍ଧାରିତ ୧୨ଓଭରରେ ୮ଉଇକେଟ୍ ହରାଇ ମାତ୍ର ୧୦୫ ରନ୍ କରିବାକୁ ସକ୍ଷମ ହୋଇଥିଲା ?। ଫଳରେ ଅମନ୍ ଏକାଦଶ କଇଁସ ୯ରନ୍ ରେ ବିଜୟ ଲାଭ କରିଥିଲା । ଅମନ୍ ଏକାଦଶର ରଜତ ୨ ଓଭର ବୋଲିଂ କରି ୫ରନ୍ ଦେଇ ସର୍ବାଧିକ ୪ଉଇକେଟ୍ ନେଇ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ସଚ୍ଚିନ ମୁଖୀ ମ୍ୟାନ୍ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଶ୍ରେଷ୍ଠ ବୋଲର ଭାବରେ ସଚ୍ଚିନ ମୁଖୀ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବରେ ନିତୁନି ବିବେଚିତ ହୋଇଥିଲେ। ବିଜେତା ଦଳକୁ ନଗଦ ୩୦,୦୦୧ ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୨୦,୦୦୧ଟଙ୍କା , ୩ୟଓ ୪ର୍ଥ ଭାବରେ ବିବିସି ୱାରିୟର୍ସ ବାଲିଆଗୋଡା ଓ ଏସ୍ ସି ଏସ୍ ଏକାଦଶ ଆସୁରିଆକୁ ନଗଦ ୬୦୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନୀୟ ଅତିଥି ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ,ଅବସରପ୍ରାପ୍ତ ଥାନା ଅଧିକାରୀ ଦୋଳେଶ୍ୱର ନାଏକ, ମକରଧ୍ୱଜ ନାଏକ, ଧନୁର୍ଜୟ ମହାନ୍ତ, ବିଦ୍ୟାଧର ନାଏକ ଓ କମଳଲୋଚନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ସୌରଭ କୁମାର ଘଣା ,ଖଗେଶ୍ୱର ବେହେରା ଓ ସୌମ୍ୟରଞ୍ଜନ ନାଏକ ଖେଳ ପରିଚାଳନା କରିଥିଲେ।ସ୍କୋରର ଭାବରେ ମନୋଜ ମହାରଣା, ଅଜିତ୍ ନାଏକ ଭାଷ୍ୟକାର ଭାବରେ ହିନ୍ଦିରେ ବୁଲ୍ ବୁଲ୍ ଆପଟ୍ଟ, ଇଂରାଜୀରେ ସଞ୍ଜୟ ମହାରଣା ଓ ଓଡ଼ିଆରେ ଦୀପକ କୁମାର ମହାନ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।

## ସିଦ୍ଧ ବିନାୟକ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ

ପାଟଣା ୧୩/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳି ପଶି ପଞ୍ଚାୟତ କେତାଙ୍ଗ ସ୍ଥିତ ସିଦ୍ଧ ବିନାୟକ ଶିଶୁବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଆଜି ବିଦ୍ୟାମନ୍ଦିର ର ସଭାପତି ମନୋରଞ୍ଜନ ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ସମ୍ପାଦକ ଶୁକଦ୍ୱେ ମହାନ୍ତ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ମୁଖ୍ୟ ବକ୍ତା ଭାବେ ବିଦ୍ୟାଭାରତୀ ସଂପୃକ୍ତ ଶିକ୍ଷାବିତ ପଦ୍ମଲୋଚନ ସାହୁ,ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ରମେଶ ଚନ୍ଦ୍ର ମହାନ୍ତ, ମୁକ୍ତାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ପାତ୍ର,ସାଂସଦ ଙ୍କ ପତ୍ନୀ ଲବଙ୍ଗଲତା ନାୟକ, ସରାସପସି କ୍ଲଷ୍ଟର ସଂଯୋଜକ ମୁରଲୀଧର ମହାନ୍ତ ଓ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ ।କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡ଼ା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ପରେ ଶିକ୍ଷୟତ୍ରୀ ମୋନାଲିସା ମହାନ୍ତ, ପୁଷ୍ପାଞ୍ଜଳି ଦଣ୍ଡପାଟ, ରାଜେଶ୍ୱରୀ ନାଏକ,ବନିତା ପ୍ରଧାନ, ମନୋରମା ମହାନ୍ତ ଓ ଦୀପକ ଗୁରୁଜୀ ପ୍ରମୁଖ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସିଦ୍ଧ ବିନାୟକ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ

ପାଟଣା ୧୩/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳି ପଶି ପଞ୍ଚାୟତ କେତାଙ୍ଗ ସ୍ଥିତ ସିଦ୍ଧ ବିନାୟକ ଶିଶୁବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଆଜି ବିଦ୍ୟାମନ୍ଦିର ର ସଭାପତି ମନୋରଞ୍ଜନ ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ସମ୍ପାଦକ ଶୁକଦ୍ୱେ ମହାନ୍ତ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ,ମୁଖ୍ୟ ବକ୍ତା ଭାବେ ବିଦ୍ୟାଭାରତୀ ସଂପୃକ୍ତ ଶିକ୍ଷାବିତ ପଦ୍ମଲୋଚନ ସାହୁ,ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ରମେଶ ଚନ୍ଦ୍ର ମହାନ୍ତ, ମୁକ୍ତାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ପାତ୍ର,ସାଂସଦ ଙ୍କ ପତ୍ନୀ ଲବଙ୍ଗଲତା ନାୟକ, ସରାସପସି କ୍ଲଷ୍ଟର ସଂଯୋଜକ ମୁରଲୀଧର ମହାନ୍ତ ଓ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ ।କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡ଼ା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ପରେ ଶିକ୍ଷୟତ୍ରୀ ମୋନାଲିସା ମହାନ୍ତ, ପୁଷ୍ପାଞ୍ଜଳି ଦଣ୍ଡପାଟ, ରାଜେଶ୍ୱରୀ ନାଏକ,ବନିତା ପ୍ରଧାନ, ମନୋରମା ମହାନ୍ତ ଓ ଦୀପକ ଗୁରୁଜୀ ପ୍ରମୁଖ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ନିମାପଡା କପ କ୍ରିକେଟ

## ପାରାଦୀପ କ୍ରିକେଟ କ୍ଲବ ସେମିରେ

ନିମାପଡା ୧୩/୧(ନି.ପ୍ର): ନିମାପଡା ଆଥେଲିଟିକ ଆସୋସିସସନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡ଼ିଅମ ରେ ଅନୁଷ୍ଠିତ ହେଉଥିବା ପ୍ରଥମ ତାପସ ଦାସ ମେମୋରିସଲ ଓ ୨୯ ତମ ନିମାପଡା କପ କ୍ରିକେଟ ଟୁର୍ନାମେଣ୍ଟ ର ଫାଇନାଲ ମ୍ୟାଚ ଇଷ୍ଟ କୋଷ୍ଟ ରେଲ ୱେ ଖୋର୍ଦ୍ଧା ଓ ରାମେଶ୍ୱର ସ୍ପୋଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲେ । ବୋଲିଂ ପକ୍ଷରୁ ଆଶୁତୋଷ ନାୟକ ୫ ଟି ୱିକେଟ ଅକ୍ତିଆର କରି ଥିଲେ । ଦିତୀୟାର୍ଦ୍ଧ ଖେଳରେ ରାମେଶ୍ୱର ସ୍ପୋଟିଂ ଭୁବନେଶ୍ୱର ୧୬୨ ରନ କରି ବିଜୟ ଲାଭ କରିଥିଲେ ।ଦଳ ପକ୍ଷରୁ ସର୍ବାଧିକ ଏ ମ୍ ଜି ଗୋପାଲ ୬୩ ରନ ଏବଂ ସିଦ୍ଧାର୍ଥ ବେହେରା ୪୯ ରନ ସଂଗ୍ରହ କରିଥିଲେ । ଆଜିର ମ୍ୟାଚ୍ ରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଥେଲେଟିକ ଆସୋସିଏସନ୍ ର ସଭାପତି ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ,ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ ,ଆଥେଲେଟିକ ଆସୋସିଏସନ୍ ସାଧାରଣ ସମ୍ପାଦକ ଜିବନାନନ୍ଦ ମହାପାତ୍ର ,,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ,ଶ୍ରଦ୍ଧା ସୁମନ ଦାସ ,ଏବଂ ସିନେମା ଜଗତର ସୁନାମଧନ୍ୟ ଅଭିନେତ୍ରୀ ଶିବାନୀ ଯୋଗଦେଇଥିଲେ । ସ୍କୋର ର ଓମ୍ ରଞ୍ଜନ ପ୍ରଧାନ ,ରୋଷନ ଜିତ ରାୟ ଆମ୍ପୟାର ନିର୍ମଳ ମିଶ୍ର ସମ୍ପିତ ପଟ୍ଟନାୟକ ଧାରା ବିବରଣୀ ରେ ଦର୍ଶକ ଙ୍କୁ ବାନ୍ଧି ରଖିଥିଲେ ଟ ଟ ନ।

## ଗୋଦାବରୀଶ ମହାବିଦ୍ୟାଳୟରେ ଯୁବ ଦିବସ ପାଳନ

ବାଣପୁର **୧୩/୧(ନି.ପ୍ର):** ଭାରତ ମାତାର ସୁଯୋଗ୍ୟ ସନ୍ତାନ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନଟି ଆମ ଦେଶରେ ଜାତୀୟ ଯୁବ ଦିବସ ଭାବରେ ପାଳିତ ହେଉଛି। ଆଜି ଏ ଉପଲକ୍ଷେ ଗୋଦାବରୀଶ ମହାବିଦ୍ୟାଳୟ ,ଦର୍ଶନ ବିଭାଗ ଆନୁକୁଲ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନାୟକ ଅଧ୍ୟକ୍ଷତାରେ ଏକ ଭବ୍ୟ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଆଧାତ୍ମିକ ଗୁରୁ ସନ୍ଦିପନି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଉପଦେଶ ଦେଇଥିବା ବେଳେ ମୁଖ୍ୟବକ୍ତା ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗର ମୁଖ୍ୟ ଡ଼ କୈଳାଶ ଚନ୍ଦ୍ର ମହାରଣା ସ୍ୱାମୀଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବରେ ନୂଆଦିଲ୍ଲୀରୁ ସେ ଟୁ ୟୁ ର ସମ୍ପାଦକ ଡ଼ ଶ୍ରୀବାସ୍ତବ, ଡ ବିଜୟକୁମାର ଯୋଗଦେଇଥିବା ବେଳେ ଯୁକ୍ତ ଦୁଇ ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର, ଓ ଅବସପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀ ବୈରାଗୀ ଚରଣ ବଳ ଯୋଗଦେଇ ସ୍ୱାମୀଜୀଙ୍କ ସମ୍ପର୍କରେ ଅନେକ କଥା ଆଲୋଚନା କରିଥିଲେ ।ଦର୍ଶନ ବିଭାଗର ଅଧ୍ୟାପିକା ଅନୀତା ଦଳେଇ କାର୍ଯ୍ୟକ୍ରମ ସଂଯୋଜନା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ହିଟଲର୍ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଅଧ୍ୟକ୍ଷଙ୍କ ଅଭିଭାଷଣ ପରେ ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ମହାବିଦ୍ୟାଳୟର ଅନେକ ଅଧ୍ୟାପକ , ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ତରଫରୁ ଶ୍ରୀ ଅଜୟ କୁମାର ଦାସ ଓ ସୁକାନ୍ତ କୁମାର ଜେନା ଓ ଅନେକ ଛାତ୍ର ଛାତ୍ରୀ ଏଥିରେ ଯୋଗ ଏହାକୁ ସଫଳ କରିଥିଲେ।

# କନ୍ଧମାଳ –ମୁନିଗୁଡା ବସଚଳାଚଳ ବିବାଦ

## ବାଲିଗୁଡାରେ ଜିଲ୍ଲାସ୍ତରୀୟ ଘେରାଇ ବସ ମାଳିକ ସଂଘବୈଠକ

ବାଲିଗୁଡା,୧୩/୧ –;କନ୍ଧମାଳ ଓ ମୁନିଗୁଡା ଘେରାଇ ବସ ଚଳାଚଳକୁ ନେଇ ବିବାଦ କୁ ନେଇ ବାଲିଗୁଡା ମା ପାଟଖଣ୍ଡା ମନ୍ଦିର ପରିସରେର କନ୍ଧମାଳ ଜିଲ୍ଲାବସମାଲିକ ସଂଘ ବୈଠକ ବାଲିଗୁଡା ବସ ଘେରାଇ ବସମାଲିକ ସଂଘର ସଭାପତି ଲୋକନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗତ ପନ୍ଦର ଦିନରୁ ଉର୍ଦ୍ଧ ହେବ କନ୍ଧମାଳ ଜିଲ୍ଲାରୁ ମୁନିଗୁଡା ବସ ଚଳାଚଳ ବନ୍ଦ ହୋଇରହିଛି ଯାହାଫଳେର ଜିଲ୍ଲାର ଅଧିକାଂଶ ଲୋକେ ବାହାର ରାଜ୍ୟ ଯିବାକୁ ହେଲେ ମୁନିଗୁଡାରୁ ଟ୍ରେନେର ଯାତାୟତ କରୁଛନ୍ତି ଓ ବିଷମକଟକକୁ ମଧ୍ୟ ଚିକିତ୍ସା ନିମନ୍ତେ ଯାଇଥାନ୍ତି । କିନ୍ତୁ ବସ ଚଳାଚଳ ବନ୍ଦ ହେବା ଯୋଗୁଁ ଲୋକେ ମୁନିଗୁଡାରୁ ଅଟୋ ଏବଂ ଅନ୍ୟ ଛୋଟଗାଡିରେ ଉଚ୍ଚ ଭଡାଦେବା ସହ ଗାଡି ମାନଙ୍କେର ଓହଳିକି ବିପଦପୂର୍ଣ୍ଣ ଭାବେର ଯାତାୟତ କରୁଛନ୍ତି । ସୁଚନା ଯୋଗ୍ୟ ଯେ ମୁନିଗୁଡା ଓ ବିଷମକଟକର ଦୁଇଟି ଗାଡି ମାଲିକ ଫୁଲବାଣି ଠୁ ରାୟଗଡା ଜିଲ୍ଲାକୁ ଗାଡି ପକାଇଥିଲେ ଯାହାକି ଏହି ଦୁଇଟି ଗାଡିର ସମୟ ବା ପରମିଟ କନ୍ଧମାଳ ଜିଲ୍ଲାର ୧୫ରରୁୟ ଉର୍ଦ୍ଧ ଗାଡି ସମୟ ସହ ସମାନରହିଛି ଯାହାଫଳେର ଏହି ଗାଡି ମାଲିକଙ୍କୁ ପରମିଟ ବଦଳାଇବା ସମୟ ବଦଳାଇ ଆସିବାକୁ କହିଥିଲେ କିନ୍ତୁ ମୁନିଗୁଡା ବିଷମକଟକର ଦୁଇ ମାଲିକ ଏହାକୁ ନଶୁଣି କନ୍ଧମାଳ ଜିଲ୍ଲାରୁ ମୁନିଗୁଡା ଓ ରାୟଗଡାକୁ ଯାଉଥିବା ଗାଡିକୁ ସେଠାକାର ହକର ମାନଙ୍କ ଦ୍ୱାରା ଅଟକାଇ ଗାଡିଗୁଡାକୁ ଛାଡିଲେ ନାହିଁ ଯାହାକି ଆଜକୁ ପ୍ରାୟ ୧୫ଦିନରୁ ଉର୍ଦ୍ଧ ଦିନ ହେବ ଏହି ରାସ୍ତାରେ ସମସ୍ତ ଘେରାଇ ବସ ଚଳାଚଳ ବନ୍ଦ ରହିଛି । କିନ୍ତୁ ଆଜକୁ ପ୍ରାୟ



୧୫ରୁ ୨୦ ବର୍ଷ ଧରି କନ୍ଧମାଳ ଜିଲ୍ଲାରୁ ରାୟଗଡା ଜିଲ୍ଲାଦେଇ ଅନେକ ଘେରାଇ ବସ ଯାତାୟତ ହେଇଆସୁଛି କିନ୍ତୁ ଏହି ଦୁଇଟି ଗାଡି ଗତ କିଛିମାସ ହେବ ଚଳାଚଳ କରିବାରୁ ଏହି ସବୁଅସୁବିଦା ଉପୁଜୁଛି ,ଏହାକୁ ନେଇ ଆଜିର ବୈଠକେର ରାୟଗଡା ଜିଲ୍ଲା ଘେରାଇ ବସ ମାଲିକ ସଂଘକୁ ଫୋନ ଯୋଗେ କଥା କରାଇ ଏହି । ସୁବିଦା ଉପେର କହିଥିଲେ କିନ୍ତୁ ରାୟଗଡା ବସମାଲିକ ସଂଘ କଥା ହେଇଥିଲେ ଓ ଯେଉଁ ଦୁଇଟି ବସ ପାଇଁ ଏହି ଅସୁବିଧା ହେଉଛି ସେହି ମାଲିକ ମାନଙ୍କ ସହ ମଧ୍ୟ କଥା ହୋଇ କହିଥିଲେ ଯେ ବସଚଳାଚଳର ସମୟ ପରମିଟ ବଦଳାଇ ଗାଡି ଚଳାଚଳ କରିବାକୁ ଅନରୁୋଧ କରାଗଲା ,ଯଦୀ ଆଗାମି ଦିନେର ଆମ ଜିଲ୍ଲା ସଂଘର ସଭ୍ୟ ମାନଙ୍କ ବ୍ୟବସାୟ ଉପେର ଯେ କୌଣସି ସମସ୍ୟା ଆସିଲେ ସମେସ୍ତ ଏକ ସ୍ୱରେର ତାର ପ୍ରତିବାଦ କରିବା ସହ ମିଳିତ ଭାେ କାର୍ଯ୍ୟ କରିବାକୁ ସ୍ଥିର କରାଗଲା । ଉକ୍ତ ବୈଠକେର ଫୁଲବାଣି ଘେରାଇ ବସ ମାଲିକ ସଂଘର ସଭାପତି ପ୍ରଶାନ୍ତ ପାତ୍ର,ସମ୍ପାଦକ ଅକ୍ଷୟ ପଟ୍ଟନାୟ,ବାଲିଗୁଡା ସମ୍ପାଦକ ରବିଚନ୍ଦ୍ର ପାତ୍ର,ଟିକାବାଲି ସଂଘର ସଭାପତି ଅକ୍ଷୟ ପ୍ରଧାନ,ସମ୍ପାଦକଭାବଗ୍ରାହୀ ପ୍ରଧାନଙ୍କ ସେମତ ଜିଲ୍ଲା ସମସ୍ତ ଘେରାଇ ବସ ମାଲିକ ମାେନ ଉପସ୍ଥିତ ଥିଲେ । ପ୍ରଶାସନ ଏଥିରେ ହସ୍ତେକ୍ଷପ କରିଗାଡି ଚଳାଚଳ କରିବାକୁ ସାଧାରଣେର ଦାବୀ ହେଉଛି।

## ପୋଲସରା କଲେଜରେ ଜାତୀୟ ଯୁବ ଦିବସ ପାଳନ




ପୋଲସରା **୧୩/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଜାନୁଆରୀ ୧୨ ତାରିଖ ଦିନ 'ଜାତୀୟ ଯୁବ ଦିବସ – ୨୦୨୫' ପାଳନ ହୋଇଯାଇଛି। ଜାତୀୟ ସେବା ଯୋଜନା (ଏନଏସଏସ) ଯୁଗ୍ମ ବିଭାଗ ପକ୍ଷରୁ ଆୟୋଜିତ ଏହି ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ରବୀନ୍ଦ୍ର ନାଥ ପାଳ ଅଧ୍ୟକ୍ଷତା କରିଥିଲେ। ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇଣ୍ଟେଗ୍ରେଟେଡ କାଉନସିଲ୍ ଅଫ୍ ଟେଷ୍ଟିଂ ସେଣ୍ଟର ର ପରାମର୍ଶଦାତା ମନୋଜ କୁମାର ଜେନା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଦେବାଶିଷ ସ୍ୱାଇଁ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ସେକ ଫରିଦ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ। ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସମେତ ଅତିଥି, ଅଧ୍ୟାପକ ଓ ଏନଏସଏସ କୋ ୟୁନିଟ ପ୍ରୋଗ୍ରାମ ଅଫିସର ସେକ ଫରିଦ୍ ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ବିଶ୍ୱଭାତୃତ୍ୱ, ସାର୍ବଜନୀନ ଧର୍ମ, ମନୁଷ୍ୟ ଓ ତାର କର୍ମ, ଭାଗ୍ୟଫଳ , ଭାଗବତ ଗୀତା, ବେଦାନ୍ତ ଦର୍ଶନ, ଚିକାଗୋ ସମ୍ମିଳନୀ ପ୍ରଭୃତି ବିଷୟରେ ବିସ୍ତୃତ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ଆଦିବାସୀ ମହାବିଦ୍ୟାଳୟରେ ବିଶ୍ୱ ଯୁବ ଦିବସ ପାଳିତ




ବାଲିଗୁଡା **୧୩/୧(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ରେଡ୍ ରିବନ କ୍ଲବ୍ ପକ୍ଷରୁ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଘୁ.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ଦିଲୀପ କୁମାର ମହାପାତ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ରେଡ୍ ରିବନ କ୍ଲବ୍ ଜିଲ୍ଲା ସଂଯୋଜକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ଆଇକ୍ୟୁଏସି ସଂଯୋଜକ ହିମାଂଶୁ ଚରଣ ସାହୁ, କୁଡୁତୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତକୁମାର ଜେନା, କାଉନସେଲର ଦଣ୍ଡପାଣି ଭୂୟାଁ, ବାଣିଜ୍ୟ ବିଭାଗ ମୁଖ୍ୟ ସରୋଜକୁମାର ପାଠୀ, ଇତିହାସ ଅଧ୍ୟାପକ ମାନସ ରଞ୍ଜନ ପ୍ରଧାନ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହମନ୍ ଦିବାକା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦୁଷ୍ମନ୍ତ ଶବର ପ୍ରମୁଖ ଉପସ୍ଥିତ ରହି ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇ ଥିଲେ। କେଶରୀ ମୁଠାମାଝୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନର ଉଦଯାପନୀ ଉତ୍ସବ ରେ କ୍ୱିଜ୍ ,ପୋଷ୍ଟର ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ।

## ଏସ୍ଏସଡ଼ି ବାର୍ଷିକ ମହୋତ୍ସବ ରେ ସୁନ୍ଦର ସଂସ୍କୃତି ସମାଜ ଗଠନ କରିପାରିବା ପାଇଁ ଆହ୍ୱାନ




ମୟୂରଭଞ୍ଜ **୧୩/୧(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସାନ୍ଧ୍ୟକାଳୀନ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଉତ୍ସବକୁ ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଆସନ ଗ୍ରହଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବିଦ୍ୟାର୍ଥୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସମାଜସେବୀ ରାମପଦ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତ ଉପସ୍ଥିତ ରହି ବହୁମୂଲ୍ୟ ଅଭିଭାଷଣ କରି ଉକ୍ତ ବିଦ୍ୟାଳୟର ପୂର୍ବ ତଥା ବର୍ତ୍ତମାନର ସ୍ଥିତି ଓ ବିକାଶ ଉପରେ ଆଲୋକପାତ କରିଥିଲେ ।ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସା ବାର୍ଷିକ ବିବରଣୀ ପଠନ କରିଥିଲେ ।ସମ୍ମାନୀୟ ଅତିଥୀ ଭାବରେ ସିଆରସିସି ବକ୍ସି ଜଗବନ୍ଧୁ ପାଲ,ନିରଞ୍ଜନ ଗୋପ,ତାରଣା ଆଶ୍ରମର ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତ,ବାଲକରାମ କିସ୍କୁ,ଶିକ୍ଷୟତ୍ରୀ ସରିତା ହାଁସଦାଃ ପ୍ରମୁଖ ଉପସ୍ଥିତ ରହି ସଂସ୍କାରମୂଳକ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ମାତୃଭୂମି ସେବା ହେଉଛି ଶ୍ରେଷ୍ଠ ସେବା। ବୁଦ୍ଧିଜୀବୀ କେବେ ସମାଜକୁ ବିଭାଜନ କରେନାହିଁ , ସେହିପରି ଜ୍ଞାନ ମାଧମରେ ଆମେ ଏମିତି ଛାତ୍ର ଗଢିବା ଯାହାଙ୍କ ଦ୍ୱାରା ଏକ ସୁନ୍ଦର ସଂସ୍କୃତି ସମାଜ ଗଠନ କରିପାରିବା ପାଇଁ ଆହ୍ୱାନ ଦେଇଥିଲେ ।ସରକାରଙ୍କ ଅନୁସୂଚୀତ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ବିଭିନ୍ନ ସୁବିଧା ସୁଯୋଗ ରହିଛି ।ପିଲାମାନେ ଭଲ ପାଠପଢି ଦେଶର ଟେକ ରଖିବାକୁ କହିଥିଲେ ।ଏହାଛଡା ଓଡିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ରାଷ୍ଟ୍ରପତି ଜଣେ ଜଣେ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି ।ତେଣୁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସାଙ୍ଗକୁ ବଣ ମଲ୍ଲୀ ନହୋଇ ବଗିଚାର ମଲ୍ଲୀ ହେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ମୁଖ୍ୟବକ୍ତା ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ବିଦ୍ୟା ନିମନ୍ତେ ବିଦାର୍ଥୀର ପ୍ରମୁଖ କର୍ତ୍ତବ୍ୟ ଉପରେ ଦର୍ଶାଇଥିଲେ ।ଶିକ୍ଷକ ଦୁଃଖ ହରଣ ପାତ୍ର ମଂଚ ପରିଚାଳନା ସହ ଅତିଥୀ ପରିଚୟ ପ୍ରଦାନ କରିଥିଲେ ।୧୨୬ ଜଣ କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ଦେବା ସହ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।ଏହି ଅବସରରେ ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା

# ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ

ନିମାପଡା **୧୩/୧(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ଙ୍କ ନେତୃତ୍ୱରେ ଉକ୍ତ ଶିକ୍ଷା ଅନୁଷ୍ଠାନର ୨୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ସମ୍ମାନିତ ଅତିଥି ନିମାପଡା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା ,ତୁଳସୀପୁର ପଞ୍ଚାୟତ ସମିତି ସଭ୍ୟା ଝରଣା ସାହୁ ,ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ,ଚାରିଛକ ଥାନା ଅଧିକାରୀଣି ମମତା ବିଶ୍ୱାଳ ,ସମାଜସେବୀ ଅରକ୍ଷିତ ଭୋଇ ,ଶିକ୍ଷାବିତି ମମତା ମୟୀ ମିଶ୍ର ଯୋଗଦେଇ ଜଗନ୍ନାଥ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ତ୍ରିପାଠୀ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟକ୍ଷ ନରେନ୍ଦ୍ର କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଧୁନିକ ଯୁଗରେ ଏହି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଡିଜିଟାଲ ,କମ୍ପୁଟର କରଣ,ଉନ୍ନତି ମାନର ଶିକ୍ଷା ସହିତ ଅନୁଷ୍ଠାନର ପରିଚାଳନା କରୁଥିବା ଉକ୍ତ ଅନୁଷ୍ଠାନ ର ସମ୍ପାଦକ ଶ୍ରୀ ତ୍ରିପାଠୀ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଙ୍କୁ ମୁଖ୍ୟ ଅତିଥି ଶ୍ରୀ ତରାଇ ଉଚ୍ଚ ପ୍ରଂସଶା କରିଥିଲେ । ଏହି ୨୪ ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶନା ମନୋଜ କୁମାର ମିଶ୍ର , ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିରାଶ୍ରୟ ସେବାଶ୍ରମ ସହିତ ଅନୁଷ୍ଠାନ ର କର୍ମଚାରୀ ଙ୍କୁ ମାନପତ୍ର ଓ ଉତ୍ତୋରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାକେନ୍ଦ୍ରର ଉପା ଧକ୍ଷ ନିରଞ୍ଜନ ସେନ , ଶିକ୍ଷକ ମନୋଜ କୁମାର ଦାଶ ,କମଳ ଲୋଚନ ବାରିକ ,ଅରୁଣ କୁମାର ମହାନ୍ତି , ଦୀପକ କୁମାର ଦାଶ ,ଦିଲିପ କୁମାର ତ୍ରିପାଠୀ ,ଦିଲିପ କୁମାର ରାଉତ ,ଶିକ୍ଷୟତ୍ରୀ ସୁଶ୍ରୀ ନାୟକ ,ମନାଲିସା କର ,ମମତା ଦାଶ ,ସିପ୍ରା ଦାସ ,ସରସ୍ୱତୀ ପାତ୍ର , କବିତା ତ୍ରିପାଠୀ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , କର୍ମଚାରୀ ଓ ଛାତ୍ର ଛାତ୍ରୀ ଅଭିଭାବକ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଥିଲେ ।ପରେ ଅନୁଷ୍ଠାନ ର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।ସଭା ଶେଷରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ବନମାଳୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## କଣାସରେ ବିବେକାନନ୍ଦଙ୍କ ୧୬୨ତମ ଜନ୍ମ ଜୟନ୍ତୀ ପାଳିତ

କଣାସ **୧୩/୧(ନି.ପ୍ର):** ରବିବାର ବିବେକାନନ୍ଦ ଶିକ୍ଷାକେନ୍ଦ୍ର କଣାସଠାରେ ସ୍ୱାମୀ ବିବେକାନନ୍ଦ ଙ୍କ ୧୬୨ତମ ଜନ୍ମଜୟନ୍ତୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ଗୁରୁଜୀ ପ୍ରେମାନନ୍ଦ ପରିଡା ସଭାପତି ଭାବେ ରହିଥିଲା ବେଳେ ସାମ୍ବାଦିକ ସମୀର କେଶରୀ ବଳିୟାରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବଟିକୁ ଉଦଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଚାରୁଲତା ମହାପାତ୍ର, ବବିତା ପ୍ରଧାନ, ଝରଣା ପାଇକରାୟ ପ୍ରମୁଖ ବିଭୁ ବନ୍ଦନା ଗାନ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣରେ ଶିଶୁ ମାନଙ୍କର କ୍ରୀଡା ଓ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ସାମ୍ବାଦିକ ଶ୍ରୀ ବଳିୟାର ସିଂହ ଶିଶୁ ମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ଓ ସ୍ୱାମୀ ବିବେକାନନ୍ଦ ଙ୍କ ଭଳି ଜଣେ ଭଲ ମଣିଷ ଟିଏ ହେବାପାଇଁ କୁନିକୁନି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦିକା ବିନୋଦିନୀ ମାଷ୍ଟ୍ରି ଶିଶୁ ମାନଙ୍କ ବିକାଶ କ୍ଷେତ୍ରରେ ଅଭିଭାବକ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶୁଭ ଅବସରରେ ଶିଶୁ ମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କୁଇଜ, ଥ୍ରୋବଲ, ମୁଇଜିକ ଚେୟାର, ଗଣିତ ଦୌଡ଼ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହାକୁ ବିଦ୍ୟାଳୟ ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ। ଗୁରୁମା ମାଧୁରୀ ପ୍ରଧାନ, ହାଜିରା ବେଗମ, ପୂଜାରାଣୀ ପେଣ୍ଡୋଇ, ସବିତା ସ୍ୱାଇଁ ପ୍ରମୁଖ ରହି କାର୍ଯ୍ୟକ୍ରମ କୁ ସଫଳ ରୂପାୟନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଠଗଡ଼ ତାଲୁକା ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନ



ପୋଲସରା **୧୩/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା, ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଆଠଗଡ଼ ତାଲୁକା ତୈଳିକ ବୈଶ୍ୟ ସାଧବ ସମାଜ ବାର୍ଷିକ ଅଧିବେଶନ ଓ ପହିଲି ଭୋଗର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ସଭାପତି ସତ୍ୟନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଥିବା ସମସ୍ତ ସାଧବ ସମାଜ କର୍ମକର୍ତ୍ତାମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସମାଜର କୁଳାଧିକାରୀ ପ୍ରଶନ କୁମାର ବିଷୋୟୀ ଯୋଗଦେଇ ଥିବା ବେଳେ, ସଭ୍ୟ ଆଇନଜୀବୀ ବ୍ରଜେନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ ତୈଳିକ ବୈଶ୍ୟ ସାଧବ ସମାଜର ଉନ୍ନତି , ସାଙ୍ଗଠନିକ ଓ ଆଇନଗତ ବିଷୟରେ ଆଲୋଚନା କରି ତାହାର ସମାଧାନ କରିଥିଲେ। ସମାଜର ସମସ୍ତ ଭାଇ ଏକତ୍ରିତ ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମାଜର ସମ୍ପାଦକ ଶିବ ପ୍ରସାଦ ସାହୁ ବାର୍ଷିକ ଆୟ ବ୍ୟୟର ବିବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ସାହୁ, କାଳୁ ଚରଣ ସାହୁ, ନବୀନ ଚନ୍ଦ୍ର ସାହୁ, ସିମାଞ୍ଚଳ ସାହୁ, ରଞ୍ଜିତ ସାହୁ, ସୁଦାମ ସାହୁ, ପ୍ରଫୁଲ୍ଲ ସାହୁ, ଶିବରାମ ସାହୁ, ବିଜୟ ସାହୁ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ନିଜର ମତାମତ ପ୍ରଦାନ କରିଥିଲେ। ପରିଶେଷରେ ଆଇନଜୀବୀ ବ୍ରଜବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ 'ଜାତୀୟ ଯୁବ ଦିବସ ' ପାଳନ

ବେଲଗୁଣ୍ଠା **୧୩/୧(ନି.ପ୍ର):** କ୍ଷେତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ 'ଜାତୀୟ ଯୁବ ଦିବସ ' ପାଳିତ ହୋଇଯାଇଛି। ବିଦ୍ୟାଳୟର ଯୁବ ରେଡ଼କ୍ରସଏବଂ ରେଡ ରିବନ କ୍ଲବ , ଭାରତ ସ୍କାଉଟ ଓ ଗାଇଡ଼ ଏବଂ ଜାତୀୟ ସେବା ଯୋଜନା ଶାଖାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକ୍ଷକ କୁମୁଦ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଳ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିବା ସହିତ ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପ- ସଭାପତି ଦେବେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଯୁବ ରେଡ଼କ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚାସିନ ଜାତୀୟ ସେବା ଯୋଜନା ଅଧିକାରୀ ଦୀପୁ ଭୂୟାଁ, ଭାରତ ସ୍କାଉଟ ଓ ଗାଇଡ଼ ଶାଖାର ରୋଭର ଲିଡର ପି ଦିପକ ରାଓ, ଯୁବରେଡ଼କ୍ରସ ସହ ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ଏବଂ ବିଦ୍ୟାର୍ଥୀ ସମ୍ବଳ ବିକାଶ ଯୋଜନା ଭାରପ୍ରାପ୍ତ ଅଧ୍ୟାପକ ତ୍ରିନାଥ ବେହେରା ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ଯୁବ ଦିବସ ଆଭିମୁଖ୍ୟ ଏବଂ ବିବେକାନନ୍ଦଙ୍କ ନୀତି ଆଦର୍ଶର ସ୍ମୃତିଚାରଣ କରିଥିଲେ। ରେଡ଼କ୍ରସ ଏବଂ ରେଡରିବନ ଶାଖା ତରଫରୁ ହୋଇଥିବା ଏଚ. ଆଇ. ଭି. ପ୍ରତିଯୋଗିତା ରେ ବକ୍ତୃତା ଓ



ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ତତ ସହିତ ବର୍ଷ ତମାମ ବିଦ୍ୟାର୍ଥୀ ସମ୍ବଳ ବିକାଶ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ବିଜଳୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଚିତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପ୍ରମୁଖ ଯଥାକ୍ରମେ ଜୟଶ୍ରୀ ସେଠି, ସୌମେନ୍ଦୁ ପଣ୍ଡା, ପ୍ରଦୀପ ଦିଗାଲ, ଗାଙ୍ଗୁଲି ପାଲଟାସିଂ,ଗଙ୍ଗାଧରରଣା,ଯମୁନା ଖୁଣ୍ଟିଆ, ଶିବାନୀ ନାୟକ , ରାମଚନ୍ଦ୍ର ନାୟକ,ମହେଶ୍ୱର ଗୌଡ଼, ସନ୍ତୋଷ ବିଶ୍ୱାଳ, ବଳରାମ ଗୌଡ଼, ରମେଶ ଚନ୍ଦ୍ର ବିଶୋଇ, ସନ୍ତୋଷ ବିଷୋୟୀ,ପ୍ରତିମା ନାଇକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବାଯୋଜନା ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଅଛି, ଅଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ସାମଲଙ୍କ ପୌରାହିତ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମକୁ ଗଣିତ ବିଭାଗର ଅଧ୍ୟାପକ ଅମୁଲ୍ୟ କୁମାର ପଣ୍ଡା ପରିଚାଳନା କରିବା ସହିତ ଯୁବକ ମାନଙ୍କ ଭିତରେ ରହିଥିବା ପ୍ରତିଭା ବିକଶିତ ଓ ଯୁବ ଶକ୍ତିର ବିକାଶରେ ଦେଶର ଉନ୍ନତି ହୋଇପାରିବ ବୋଲି ଛାତ୍ର ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଓ ସଂଜୟ କୁମାର ପଣ୍ଡା ଜାତୀୟ ଯୁବ ଦିବସ ବିଷୟରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ସୀମାଞ୍ଚଳ ମହାନ୍ତି ଜାତୀୟ ଯୁବ ଦିବସ ବିଷୟରେ ସଚେତନ ବାର୍ତ୍ତା ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଜିଲ୍ଲା ସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର

କଣାସ **୧୩/୧(ନି.ପ୍ର):** କଣାସ ବ୍ଲକ୍ ଗଡସାହି ବରୁଣନଗର ସ୍ଥିତ ମାତୃବିହାର ଠାରେ ଜିଲ୍ଲା ସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ର ଉତ୍ସବରେ ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ଶତାଧିକ ମହିଳା ଯୋଗଦେଥିଲେ। ମହିଳା ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଦରକାର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରିବାର ଓ ସାମାଜିକ ଶୃଙ୍ଖଳା ପାଇଁ ଆଧାତ୍ମିକ ଶକ୍ତି ଦରକାର ବୋଲି ମତପ୍ରକାଶ ପାଇଥିଲା । ମହିଳା ସଶକ୍ତିକରଣ ରେ ଶୀଅରବିନ୍ଦଙ୍କ ମାର୍ଗ ଅନୁସରଣ କର୍ତ୍ତି ଦରକାର ବୋଲି ଅତିଥି କହିଥିଲେ ।ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସଂଗଠକ ଗଙ୍ଗାଧର ମହାପାତ୍ର, ମଣ୍ଡଳ ଆବାହକ ସୁକାନ୍ତ କୁମାର ଜେନା, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ବିଶ୍ୱ ରଂଜନ ଜେନା,ସୈରେନ୍ଦ୍ରୀ ମହନ୍ତ, ଶିକ୍ଷକ ବିଜୟ କୁମାର ପରିଡ଼ା, ଅକ୍ଷୟ ରାୟସିଂହ, ଦିଲ୍ଲିପ କୁମାର ପରିଡ଼ା, ଅନୁଷ୍ଠାନର ଅନୁଗାମୀ ମମତା ପ୍ରିୟଦର୍ଶିନୀ ମଙ୍ଗରାଜ, ବିଶ୍ୱମ୍ବର ସାହୁ, ଭୁବନାନନ୍ଦ ମହାରଣା, ସୁଦର୍ଶନ ଦିକ୍ଷୀତ ପ୍ରମୁଖ ଯୋଗଦେଇଥିଲେ ।

## ଚାରିଟେବୁଲ ଟ୍ରଷ୍ଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ରଙ୍ଗେଇଲୁଣ୍ଡା **୧୩/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ କୋଠାରସିଂ ପଞ୍ଚାୟତର ମାଣିକପୁରା ଠାରେ ଆଜି କୋଲା ରାମମୂର୍ତ୍ତିଙ୍କ ୧୫ତମ ଶ୍ରାଦ୍ଧ ଦିବସରେ ଅବସରରେ କୋଲା ରାମମୂର୍ତ୍ତି ଚାରିଟେବୁଲ ଟ୍ରଷ୍ଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ ୟଶୋଦା ହସ୍ପିଟାଲର ନିର୍ଦ୍ଦେଶକ ଡ଼ଃ. କେ.ଭେଙ୍କେଟ ରମଣ ଏବଂ କେୟାର ହସ୍ପିଟାଲର ଚର୍ମ ରୋଗ ବିଶେଷଜ୍ଞ ଡ଼ଃ. ପଦ୍ମଶ୍ରୀ ଦୀପଥି ଶିବିରରେ ଯୋଗ ଦେଇ ଆଖ ପାଖ ଅଞ୍ଚଳର ୩ ଶହରୁ ଉର୍ଦ୍ଧ ରୋଗୀଙ୍କ ରକ୍ତଚାପ, ମଧୁମେହ ପରୀକ୍ଷା ସହ ଚର୍ମ ରୋଗର ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଉକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରରେ କୋଠାରସିଂ, ମାଣିକପୁର, ଭଳିଆଗଡ଼, ତତଡ଼ାପଲ୍ଲୀ, ଗୋଳନ୍ଥରା, ମନ୍ଦୀଡ଼ି, ବିଶ୍ୱନାଥପୁରା, ଗୋବିନ୍ଦନଗର ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ କ୍ଷ ଅନୁଷ୍ଠିତ ଶିବିରରେ ମହୁଡା ଫାର୍ମାସିଷ୍ଟ କଲେଜର ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କେ. ଶିବ ଗୋପାଳ, କେ. ପ୍ରେମେଶ୍ୱର ରାଓ, କେ. ଜଗନ୍ନାଥ ରାଓ, କେ, ବାଲ ଗୋପାଳ କେ. ତେଜେଶ୍ୱର, କେ,ବିବେକ କେ. ଭାଶିଷ୍ଟ ପ୍ରମୁଖ ସହଯୋଗ କରି ଶିବିରକୁ ପରିଚାଳନା କରିଥିଲେ। କୋଠାରସିଂ ସରପଞ୍ଚ ଜେ. ଦୁର୍ଯ୍ୟୋଧନ ରେଡ୍ଡି, ସମିତି ସଭ୍ୟ ଆଶିଷ ରାଉଳ, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ପ୍ରତିନିଧି ସିଏଚ. ନରେଶ, ମନ୍ଦୀଡ଼ି ପୂର୍ବତନ ସରପଞ୍ଚ ଦେବରାଜ ମାହାନ୍ତି ପ୍ରମୁଖ ଶିବିରରେ ଉପସ୍ଥିତ ରହିଥିଲେ।

# ଜନବସତିମୁହାଁ ହାତୀପଲ: ସୁନ୍ଦରଗଡ଼ରେ ମାସକୁ ଭାଙ୍ଗୁଛନ୍ତି ୩୨ ଘର



ରାଉରକେଲା,୧୩/୧: ଅବାଧ ଜଙ୍ଗଲ କଟା, ଖଣି ଖନନ ଓ ଅନ୍ୟାନ୍ୟ କାରଣରୁ ଖାଦ୍ୟ ଅନ୍ୱେଷଣରେ ସହର, ଗାଁ ଓ ବସ୍ତି ମୁହାଁ ହାତୀପଲ। ଉଜୁଡ଼ିଯାଉଛି ଚାଷୀଙ୍କ ଏକର ଏକର ଧାନ କ୍ଷେତ ଓ ପନିପରିବା ଫସଲ। କେବଳ ଧାନ ଓ ପନିପରିବା ନଷ୍ଟ କରୁଛନ୍ତି ତା' ନୁହେଁ, ରାତି ଅଧରେ ଗାଁ ଓ ବସ୍ତିରେ ପଶି ଖାଦ୍ୟ ଖାଇବାକୁ ଘରଗୁଡ଼ିକ ଭାଙ୍ଗି ଦେଉଛନ୍ତି। ହାତୀପଲଙ୍କ ଆକ୍ରମଣରେ ଅନେକ ପରିବାର ଗୃହଶୂନ୍ୟ ନେଉଛନ୍ତି। କିଛି ପରିବାରଙ୍କ ଘର ଆଂଶିକ ଓ ଅଧା କ୍ଷତିଗ୍ରସ୍ତ ହୋଇଛି। ଏମିତି ସ୍ଥିତି ଉପୁଜିଛି ବଣଜଙ୍ଗଲଘେରା ସୁନ୍ଦରଗଡ଼ରେ। ଜିଲ୍ଲାରେ ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ଥମିବାର ନାଁ ନେଉନି। ଘଉଡ଼ାଇବାକୁ ବନ କର୍ମଚାରୀ ନାକେଦମ୍? ହେଉଥିଲେ ହେଁ ହାତୀପଲ ଜନବସତି ଛାଡୁନାହାନ୍ତି। ସୁନ୍ଦରରଗଡ଼ ଜିଲ୍ଲାର ବଣାଇ, ସୁନ୍ଦରଗଡ଼ ଓ ରାଉରକେଲା ତିନି ବନଖଣ୍ଡରେ ବର୍ଷତମାମ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଗତ ୭୧ ମାସ (୨୦୧୯ରୁ ୨୦୨୪ ନଭେମ୍ବର) ମଧ୍ୟରେ ହାତୀପଲ ୨୨୩୫ ଘର ଭାଙ୍ଗିଛନ୍ତି। ଅର୍ଥାତ ମାସକୁ ଜିଲ୍ଲାରେ ୩୨ ଘର ଭାଙ୍ଗୁଛନ୍ତି ହାତୀପଲ। ଭାଙ୍ଗିଥିବା ୨୨୩୫ ଘର ମଧ୍ୟରୁ ୬୭୬ ଘର ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦେଇଛନ୍ତି। ୧୧୫୯ ଘର ଆଂଶିକ ଓ ୫୦% କ୍ଷତିଗ୍ରସ୍ତ ?ହୋଇଛି। କ୍ଷତିପୂରଣ ବାବଦରେ ବନବିଭାଗ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଦେଇ କାମ ସାରି ଦେଉଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ଜନବସତିମୁହାଁ ହାତୀପଲକୁ ଘଉଡାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବଣାଇ ଓ ରାଉରକେଲା ବନଖଣ୍ଡରେ ହାତୀପଲ ସର୍ବାଧିକ ଘର ଭାଙ୍ଗିଛନ୍ତି। ଗୃହଶୂନ୍ୟ ପରିବାର ଜୀବନ ବଞ୍ଚାଇବା ଭୟରେ ଭିଟାମାଟି ଛାଡ଼ି ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ରାଉରକେଲା ବନଖଣ୍ଡରେ ୨୦୧୯ରେ ହାତୀପଲଙ୍କ ଆକ୍ରମଣରେ ୩୧, ୨୦୨୦ରେ ୨୧, ୨୦୨୧ରେ ୬୨, ୨୦୨୨ରେ ୬୫, ୨୦୨୩ରେ ୨୦ ଓ ୨୦୨୪ ନଭେମ୍ବର ଶେଷ ସୁଦ୍ଧା ୪ଟି ଘର ଭାଙ୍ଗି ମାଟିରେ ମିଶିଯାଇଛି। ସେହିପରି ୨୦୧୯ରେ ୭୮, ୨୦୨୦ରେ ୬୯, ୨୦୨୧ରେ ୧୧୦, ୨୦୨୨ରେ ୪୦, ୨୦୨୩ରେ ୧୫୭ ଓ ୨୦୨୪ରେ ୧୩୬ ଘର ଆଂଶିକ ଓ ୫୦% କ୍ଷତିଗ୍ରସ୍ତ ହୋଇଛି। ବଣାଇ ବନଖଣ୍ଡରେ ୨୦୧୯ରେ ୪୬, ୨୦୨୦ରେ ୨୯, ୨୦୨୧ରେ ୭୨, ୨୦୨୨ରେ ୧୦୭, ୨୦୨୩ରେ ୨୧ ଓ ୨୦୨୪ରେ ୩ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ସେମିତି ୨୦୧୯ରେ ୯୫, ୨୦୨୦ରେ ୨୯, ୨୦୨୧ରେ ୮୭, ୨୦୨୨ରେ ୧୨୮, ୨୦୨୩ରେ ୨୯୬ ଓ ୨୦୨୪ରେ ୧୬୨ ଘର ଅଧାରୁ ଅଧିକ ଭାଙ୍ଗି ଦେଇଛନ୍ତି। ସୁନ୍ଦରଗଡ଼ ବନଖଣ୍ଡରେ ୨୦୧୯ରେ ସର୍ବାଧିକ ୧୮୦ ଘର ସମ୍ପୂର୍ଣ୍ଣ ଭାଙ୍ଗିଦେଇଛନ୍ତି। ୨୦୨୧ରେ ୧, ୨୦୨୨ ଓ ୨୦୨୩ରେ ୫ଟି ଲେଖାଏଁ ଓ ୨୦୨୪ରେ ୪ଟି ଘରକୁ ଭାଙ୍ଗି ମାଟିରେ ମିଶାଇଦେଇଛନ୍ତି। ୨୦୨୯ରେ ୨୯, ୨୦୨୧ରେ ୯,? ୨୦୨୨ରେ ୨୩, ୨୦୨୩ରେ ୨୩ ଓ ୨୦୨୪ରେ ୩୯ଟି ଘର ୫୦% ଭାଙ୍ଗି ଦେଇଛନ୍ତି।

# କରଜ ଚିନ୍ତାରେ ଯୁବଚାଷୀ ଅଶୋକ ଜୀବନ ହାରିବା ଘଟଣା

### ମୃତକଙ୍କ ପରିବାରକୁ ଭେଟିଲେ ରାଜ୍ୟ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ଆନ୍ଦୋଳନର କର୍ମକର୍ତ୍ତା। ଅଦାଲତର ଦ୍ୱାରସ୍ଥ ହେବାକୁ ଚେତାବନୀ



ଜଗତସିଂହପୁର ତା ୧୩/୧ (ନୀପ୍ର) ଗତ ୮ ତାରିଖରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଂଅରା ବିଲସାହିର ଯୁବଚାଷୀ ଅଶୋକ ପରିଡା ଧାନ ଫସଲ ଉଜୁଡିଯିବାରୁ କରଜ ଶୁଝିବା ଚିନ୍ତାରେ ଫ୍ୟାନରେ ଗାମୁଛା ବାନ୍ଧି ନିଜ ଜୀବନ ହାରିଥିଲେ। ସୋମବାର ରାଜ୍ୟ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ଆନ୍ଦୋଳନର ଆବାହକ ଯୁଗଳ କିଶୋର ନାୟକଙ୍କ ନେତୃତ୍ୱରେ ଏକ ଟିମ ମୃତ ଅଶୋକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ।ଗତ ୬ ଦିନ ମଧ୍ୟରେ ଜିଲ୍ଲା ତଥା ବ୍ଲକ ଅଞ୍ଚଳର କୌଣସି ପଦାଧିକାରୀ ମୃତକଙ୍କ ପରିବାରକୁ ଭେଟିନଥିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏହା ଏକ ଅମାନବୀୟ କାର୍ଯ୍ୟ ବୋଲି ନିନ୍ଦା କରିଥିଲେ। ଏହାଛଡା ମୃତ ଅଶୋକଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା, ଲଗାଣ ବର୍ଷାରେ ଉଜୁଡି ଯାଇଥିବା ସମସ୍ତ ଧାନ ଫସଲର କ୍ଷତିପୂରଣ ପ୍ରଦାନ ଏବଂ ବ୍ୟାଙ୍କ, ସମବାୟ ସମିତି ଓ ଅନ୍ୟାନ୍ୟ କ୍ଷେତ୍ରରୁ ଋଣକରି ଆଣିଥିବା ସମସ୍ତ ଟଙ୍କାକୁ ଛାଡ କରିବା ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ସମ୍ପର୍କରେ ଆବାହକ ନାୟକ ପ୍ରକାଶ କରିଥିଲେ। ଏତଦ୍ ବ୍ୟତୀତ ପରିବାର ପ୍ରତିପୋଷଣର ଦାଇତ୍ୱ ଓ ପରବର୍ତ୍ତୀ ଚାଷ ପାଇଁ ପୁନ ଋଣ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ମଦ ବିରୋଧୀ ଆନ୍ଦୋଳନର ନେତ୍ରୀ ଡଲି ଦାଶ, ସାମାଜିକ କର୍ମୀ କ୍ଷୀରୋଦ ମହାପାତ୍ର, ଅକ୍ଷୟ ରାଉଳ ଓ ପ୍ରଦୀପ୍ତ ରାମ ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ସହ ନିଜର ଓ ଭାଗଚାସରେ ଉଜୁଡି ଯାଇଥିବା ସମସ୍ତ ଧାନ ଫସଲର କ୍ଷତିପୂରଣ ପ୍ରଦାନ ପାଇଁ ଦାବୀ ରଖିଥିଲେ। ସରକାର ଯଦି ଏଥିରୁ ବିଚ୍ୟୁତ ହୁଅନ୍ତି ତାହାଲେ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ମୃତ ଚାଷି ଅଶୋକଙ୍କ ପରିବାର ପାଇଁ ଅଦାଲତର ଦ୍ୱାରସ୍ଥ ହେବ ବୋଲି ଆବାହକ ନାୟକ ଚେତାବନୀ ଦେଇଥିଲେ। ଅପରପକ୍ଷେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦୀ ଏବଂ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ସମିତି ସଭ୍ୟ ବିଶ୍ୱଜିତ୍ ଦାଶ , ସାମାଜିକ କର୍ମୀ ଡ ସୁରେନ୍ଦ୍ରନାଥ ମହାପାତ୍ର ଓ ସମବାୟ ସମିତି ବୋର୍ଡ ଡାଇରେକ୍ଟର ରାଜେନ୍ଦ୍ର ମହାପାତ୍ର ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ଜଣେ ହେଲେବି ବ୍ଲକ ସ୍ତରୀୟ ଅଧିକାରୀ ନଆସିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି କହିଥିଲେ। ଏହି ଘଟଣାକୁ ନେଇ ଗତ ୯ ତାରିଖରେ ବ୍ଲକ ବିଜେଡି ପକ୍ଷରୁ ତହସିଲରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଶତାଧିକ ଚାଷୀ ଉପସ୍ଥିତ ହୋଇ ମୃତ ଅଶୋକଙ୍କ ପରିବାରକୁ ସହାୟତା ସହ କ୍ଷତିପୂରଣ ଦେବାକୁ ଦାବୀ କରିଥିଲେ।ମୃତ ଚାଷୀଙ୍କ ପ୍ରତି ଅନ୍ୟାୟ କରାଗଲେ ବ୍ଲକର ସମସ୍ତ ଜନପ୍ରତିନିଧି ଓ ସାଧାରଣଜନତା ରାଜରାସ୍ତାକୁ ଓହ୍ଲାଇବେ ବୋଲି ରେଢୁଆ ସରପଞ୍ଚଶ୍ରୀ ବେହେରା ଓ ତଂଅରା ସରପଞ୍ଚ ଶ୍ରୀନାୟକ ଚେତାବନୀ ଦେଇଛନ୍ତି।

# ସୁକତେଲ ମହୋତ୍ସବ ଉଦ୍‌ଯାପିତ



ବଲାଙ୍ଗିର,୧୩/୦୧ - ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୁଲ୍ୟ ରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିର ର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶ ଙ୍କ ମଡୁଆଶାଳ, ପଂଚରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ। ମଡୁଆଶାଳ ର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୁଦନ ନାୟକ ଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ , ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଂଚାସିନ ହୋଇଥିଲେ । ବିଶିଷ୍ଟ କଳାକାର ଦଣ୍ଡ ଶିରୋମଣୀ ସାନନ୍ଦ ସିକା, ବିଶିଷ୍ଟ ସମାଜସେବୀ ଲୋକନାଥ କୁମୁରା ଚୁଡ଼ାପାଲି, ମୋର ସମିଆ ରିପୋର୍ଟର ନିବେଶ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ଆର.ଆର. କଲୋନି ଡୁଙ୍ଗୁରିପାଲି, ଘୁଙ୍ଗୁରୁ କଳାପରିଷଦ , ଦେଓଗାଁ ବିଡିଓ, ବିଶିଷ୍ଟ କଣ୍ଠ ଶିଳ୍ପୀ ପ୍ରତାପ ସାହୁ କଳା ପରିବେଷଣ କରିଥିଲେ । ଆୟୋଜକ କମିଟି ସଭାପତି ବିଧୂଭୂଷଣ ସିଂଦେଓ, ସଂପାଦକ ପ୍ରଣୟ ଆନନ୍ଦ ତ୍ରିପାଠି, ଆବାହକ ଟିଙ୍କୁ ପ୍ରଧାନ, , ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠି, ସୁକତେଲ ମହୋତ୍ସବ ର ଉଦ୍ୟୋକ୍ତା ସଂଜୟ ଆନନ୍ଦ ତ୍ରିପାଠି, ସଂଯୋଜକ ସତ୍ୟନାରାୟଣ ଗହିର, ଉପ ସଭାପତି ସୁବଲ ଗୁରହାଣ୍ଡି, ସୁରେଶ ମେହେର, କାର୍ଯ୍ୟ କ୍ରମ ନିଷ୍ପାଦକ ହାଡିବନ୍ଧୁ ତ୍ରିପାଠି ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ସଂଯୋଜକ ସଂଗଠକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ସମୂହ ପ୍ରାର୍ଥନା କଲେ ୧୭ ଦେଶର ସନ୍ନ୍ୟାସୀ



ଚଣ୍ଡିଖୋଲ,୧୩।୧: ହୀରକ ତ୍ରିଭୁଜ ଅନ୍ତର୍ଗତ ଯାଜପୁର ଜିଲାର ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ରବିବାରଠାରୁ ଆରମ୍ଭ ହୋଇଛି ୫ ଦିନିଆ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ। ଓଡ଼ିଶାରେ ଜନ୍ମିତ ତଥା ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମ ସମ୍ଭବଙ୍କ ନାମରେ ନାମିତ ଏହି ସମ୍ମିଳନୀକୁ ୧୭ ଦେଶର ୧୨୦୦ ବୌଦ୍ଧ ସନ୍ନ୍ୟାସୀ ଆସି ସମୂହ ପ୍ରାର୍ଥନା କରିଛନ୍ତି। ସମ୍ମିଳନୀରେ ସିକିମ ରାଜ୍ୟର ମନ୍ତ୍ରୀ ଭେନ ସୋନମ ଲାମା ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଛନ୍ତି, ପଦ୍ମସମ୍ଭବ ଓଡ଼ିଶାରେ ଜନ୍ମ ହୋଇଥିବାବେଳେ ତାଙ୍କ ଦେହାବସାନ ମଧ୍ୟ ଓଡ଼ିଶାରେ ହୋଇଥିଲା। ବୁଦ୍ଧଧର୍ମକୁ ବିଭିନ୍ନ ଦେଶରେ ପ୍ରଚଳିତ କରି ସେ ଆମମାନଙ୍କ ପାଇଁ ଗୁରୁ ହୋଇ ଯାଇଥିଲେ। ତାଙ୍କ ବିଷୟରେ ଓଡ଼ିଶାର ଲୋକେ ବହୁ କମ ଜାଣିଛନ୍ତି। ତାଙ୍କ ସମ୍ପର୍କରେ ଆଜି ଜାଣିବା ଓ ବୁଝିବା ପାଇଁ ଯେଉଁ ସମାବେଶ ହୋଇଛି ତାକୁ ପ୍ରତ୍ୟେକ ବର୍ଷ କରାଯିବା ଆବଶ୍ୟକ। ଏଥିସହିତ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ହେଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଏଥିରେ ସିକିମ ସରକାରଙ୍କ ସହଯୋଗ ରହିବ ବୋଲି ପ୍ରକାଶ କରିଛନ୍ତି। ଗୁରୁ ରିନୋପୋକ ସମସ୍ତ ଧର୍ମାବଲମ୍ବୀଙ୍କୁ ପ୍ରାର୍ଥନା କରାଇଥିଲେ। ସନ୍ନ୍ୟାସୀମାନେ ଏକ ସ୍ୱରରେ ବିଶ୍ୱ ଶାନ୍ତି, ଅହିଂସା, ଶୃଙ୍ଖଳା ଓ ସ୍ନେହ ପ୍ରେମ ଦ୍ୱାରା ସାରା ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖି ହେବ ବୋଲି କହିଥିଲେ। ଅନ୍ତର୍ଜାତୀୟ ଲାଇଟ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେଶନର ମୁଖ୍ୟ ଓ୍ୱାଙ୍ଗ ମୋ ଡିକ୍ସେ ଯୋଗଦେଇ ବିଭିନ୍ନ ଦେଶରେ ଆୟୋଜିତ ହେଉଥିବା ବୌଦ୍ଧ ସମ୍ମିଳନୀ ଓ ପ୍ରାର୍ଥନା ସଭା ସମ୍ପର୍କରେ ଉଲ୍ଲେଖ କରିବା ସହ ଗୁରୁ ପଦ୍ମ ସମ୍ଭବଙ୍କ ବୌଦ୍ଧ ଧର୍ମ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କିଭଳି ସାରା ପୃଥିବୀରେ ଗୁରୁ ପ୍ରଚାର ପ୍ରସାର କରିଥିଲେ, ତାଙ୍କର ମନ୍ଦିର କେଉଁ ସ୍ଥାନରେ ରହିଛି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ଅଞ୍ଚଳକୁ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କିରନ ଲାମା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆନ୍ତର୍ଜାତୀୟ ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ପ୍ରାର୍ଥନା ସଭାକୁ ସମସ୍ତ ଦେଶର ପ୍ରତିନିଧି ଏକ ସଙ୍ଗେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳା ରିନ ପୋକେ, ଏଚ୍‌ଇ ଜିଗ୍ମେ ରିନ ପୋକେ, ଏଚ୍‌ଏଚ ଡ୍ରିମ୍‌ଡ ରଞ୍ଜମ ରିନ ପୋକେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଭିନ୍ନ ସ୍ଥାନରେ ରହୁଥିବା ବୌଦ୍ଧ ସନ୍ନ୍ୟାସୀ ଉଦୟଗିରି ଛକଠାରେ ସମ୍ମିଳିତ ହୋଇ ଏକ ଶୋଭାଯାତ୍ରାରେ ସାମିଲ ହୋଇ ଉଦୟଗିରିସ୍ଥିତ ମାଧବପୁର ମହାବିହାର ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ।

# ମହିଳା କାର୍ଡ ଖେଳିପାରେ ଭାଜପା



ଯାଜପୁର,୧୩।୧: ରାଜ୍ୟରେ ଗତ ସାଧାରଣ ନିର୍ବାଚନରେ ଭାଜପା ବିଜୟୀ ହେବା ପଛରେ ଦଳର ସାଙ୍ଗଠନିକ ବଳ ଅପେକ୍ଷା ବିଜେଡି ନେତାଙ୍କ ଅହଙ୍କାର ଓ ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ବଡ଼ କାରଣ ବୋଲି ଚର୍ଚ୍ଚା ହେଉଛି। ତେଣୁ ଉଭୟ ଦଳ ଆଗାମୀ ନିର୍ବାଚନଗୁଡ଼ିକ ପାଇଁ ସତର୍କ ହୋଇପଡୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥଳେ ଯାଜପୁର ଜିଲାରେ ଉଭୟ ଦଳର ନେତୃତ୍ୱ କାହା ଉପରେ ନ୍ୟସ୍ତ କରାଯିବ, ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶେଷକରି ଭାଜପାରେ ୭ ବର୍ଷ ହେଲା ସଭାପତି ପଦବୀ ପରିବର୍ତ୍ତନ ହୋଇନାହିଁ। ନୂଆବର୍ଷରେ ଭାଜପା ଏଠାରେ ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଯାଜପୁର ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ତଥା ବ୍ଲକସ୍ତରରେ ଭାଜପା ସରକାରଙ୍କ ଆଶାନୁରୂପକ ପ୍ରଦର୍ଶନ ଏବେ ଜିଲାର ବହୁ ହେଭିଓ୍ୱେଟ ବିଜେଡି ନେତାଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛି। ମାସେବ୍ୟାପୀ ଚାଲିଥିବା ଭାଜପା ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡଳ ଅନୁସାରେ ସଭାପତି ଚୟନ ସ୍ଥିର ହୋଇସାରିଛି ବୋଲି ସୂଚନା ମିଳିଛି। ତେଣୁ ଜିଲା ସଭାପତି ନିର୍ବାଚନ ଚଳିତ ମାସ ଶେଷ ସୁଦ୍ଧା କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଗୌତମ ରାୟ ଜିଲା ଭାଜପା ସଭାପତି ଅଛନ୍ତି। ସେ ବଡ଼ଚଣା ଆସନରୁ ବିଜେଡି ପ୍ରାର୍ଥୀ ହୋଇ ୨୦୦୪ରେ ହାରିଥିବାବେଳେ ଯାଜପୁର ବିଧାନସଭା ଆସନରୁ ସେ ଭାଜପା ପ୍ରାର୍ଥୀ ହୋଇ ୨୦୦୯, ୨୦୧୯ ଓ ୨୦୨୪ରେ ପରାଜିତ ହୋଇଛନ୍ତି। ୨୦୧୪ରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ଏହାପରେ ୨୦୧୭ରେ ଆଶୁତୋଷ ପରିଡ଼ାଙ୍କ ସ୍ଥାନରେ ଭାଜପା ଗୌତମଙ୍କୁ ଜିଲା ନେତୃତ୍ୱ ଭାର ଦେଇଥିଲା। ୨ ବର୍ଷ ଧରି ତାଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ୨୦୧୯ରେ ସାମ୍ବିଧାନିକ ପ୍ରକ୍ରିୟାରେ ସେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତେଣୁ ତାଙ୍କ ସମର୍ଥକମାନେ ତାଙ୍କୁ ପୁଣିଥରେ ସଭାପତି ଭାବେ ଅବସ୍ଥାପିତ କରିବାକୁ ଲାଗି ପଡ଼ିଛନ୍ତି। ତେବେ ଯଦି ସାମ୍ବିଧାନିକ ପ୍ରକ୍ରିୟାରେ ଯଦି ସଭାପତି ନିର୍ବାଚନ କରାଯାଏ, ତେବେ ଗୌତମଙ୍କ ପାଳି ପୁଣି ପଡ଼ିବା ସମ୍ଭାବନା କମ୍ ବୋଲି କୁହାଯାଉଛି। କାରଣ ଗୌତମଙ୍କ ବୟସ ୬୦ ଟପିଲାଣି। ଏହାସହ ଯଦି ଗୌତମଙ୍କ ରାଜନୈତିକ କ୍ୟାରିୟରକୁ ଦୃଷ୍ଟି ଦିଆଯାଏ, ତେବେ ସେ ଅଭିଜ୍ଞ ହୋଇଥିଲେ ବି ନିର୍ବାଚନ ରାଜନୀତିରେ ବାରମ୍ବାର ବିଫଳ ହୋଇଛନ୍ତି। ୨୦୨୪ ନିର୍ବାଚନରେ ଭାଜପା ସପକ୍ଷରେ ହାଓ୍ୱା ଜୋର ରହିଥିବା ସତ୍ତ୍ୱେ ସେ ବିଜେଡି ପ୍ରାର୍ଥିନୀ ସୁଜାତା ସାହୁଙ୍କଠାରୁ ହାରିଯାଇଥିଲେ। ହେଲେ ଗୌତମଙ୍କ ପାଇଁ ତାଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଡେରା ପକାଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଗୌତମଙ୍କ ସ୍ଥାନ ନେବାକୁ ପୂର୍ବତନ ସଭାପତି ଆଶୁତୋଷ ପରିଡା, ପବିତ୍ର ଦାସ, ଜଗନ୍ନାଥ ସାମଲଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ଏହାସହ ସର୍ବେଶ୍ୱର ବେହୁରା, ସୁଦୀପ୍ତ ପଣ୍ଡା, ସୁରଜମଲ ସାମଲ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଅନ୍ୟପକ୍ଷେ ଦଳ ଯଦି ମହିଳା କାର୍ଡ ଖେଳିବ, ତେବେ ନିକଟରେ ବିଜେଡି ଛାଡି ଭାଜପାରେ ମିଶିଥିବା ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କ ନାମ ଆଗରେ ରହିବ। ସୁନନ୍ଦାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଜଣେ ଭଲ ସଂଗଠକ ଭାବେ ଜଣାଶୁଣା। ତେଣୁ ଉଭୟ ପନତ୍‌ପତିଙ୍କୁ ଭାଜପା ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି। ସେହିପରି ବିଞ୍ଝାରପୁର ଆସନର ପ୍ରାର୍ଥୀ ତଥା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଏବଂ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନାମ ମଧ୍ୟ ଚର୍ଚ୍ଚା ପରିସରକୁ ଆସୁଛି। ଯାଜପୁର ଜିଲାରେ ବରୀ ନିର୍ବାଚନମଣ୍ଡଳୀକୁ ବାଦ ଦେଲେ ଅନ୍ୟ ୬ ବିଧାନସଭା ଆସନରେ ହାରଜିତ ବ୍ୟବଧାନ ୧୦ ହଜାର ଭୋଟ ଭିତରେ ରହିଛି। ତେଣୁ ଭାଜପା ପଞ୍ଚାୟତସ୍ତରର ନେତାଙ୍କୁ ସଜାଡ଼ି ଏବଂ ନୂତନ ନେତୃତ୍ୱଙ୍କୁ ଅଗ୍ରାଧିକାର ଦେଲେ ଦଳ ପାଇଁ ସହାୟକ ହୋଇପାରେ ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏ ସଂକ୍ରାନ୍ତରେ ଭାଜପା ଜିଲା ସଭାପତି ଗୌତମ ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସେ କେବେ ସଭାପତି ପଦବୀ ରେସ୍‌ରେ ନ ଥିଲେ, ଏବେ ବି ନାହାନ୍ତି। ଦଳ ନେତୃବର୍ଗ ଯାହା ନିଷ୍ପତ୍ତି ନେବେ ତାହାକୁ ସେ ସାଦରେ ଗ୍ରହଣ କରିବେ।

# ନୂତନ ବିଡିଓ ଙ୍କୁ ସ୍ୱାଗତ କଲେ ପଞ୍ଚାୟତ ପ୍ରତିନିଧି ବୃନ୍ଦ



ଜଗତସିଂହପୁର-୧୩/୧ (ନିପ୍ର) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ସରପଞ୍ଚଙ୍କ ପ୍ରତିନିଧିମାନେ ବ୍ଲକରେ ଯୋଗଦେଇଥିବା ନୂତନ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ବିଡିଓ ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ଚାଲିବ ବୋଲି ପ୍ରକାଶ କରିଥିଲେ। ଏଥିରେ ସରପଞ୍ଚ ସଂଘ ସଭାପତି ବଟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ବେହେରା, ଶିବରାମ ସାହୁ ,ଜୟନ୍ତୀ ଦାସ,ଜଗନ୍ନାଥ ମଲ୍ଲିକ, ସୁଚିତ୍ରା ପଣ୍ଡା, ସୁଷମା ମଲ୍ଲିକ, ନଳିନୀପ୍ରଭା ମୁଦୁଲି ,ସରପଞ୍ଚ ପ୍ରତିନିଧି ରହିମ୍ ଖାଁ, ପ୍ରଭାକର ମଲ୍ଲିକ ଓ ପ୍ରକାଶ ମଲ୍ଲିକଙ୍କ ସହ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।

**Affidavit**

By Virtue of as affidavit it sworn before Executive Magistrate Rayagada dt. 30.12.2024, I, Tadela Harshvardhan S/o Tadela Rajasekhar At: pittla Street, Ward No-3, Rayagada, Po/Ps/Dist-Rayagada, Odisha-765001 declared that I change my name T. Harshvardhan to Tadela Harshvardhan vide Dr No- 1545, Dt.30.12.2024 for all purpose.

Tadela Harshvardhan

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ